ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ

# ଶିକ୍ଷାରେ ନୂତନତା

ଭାରତରେ ନିଯୁକ୍ତି ହ୍ରାସ ପାଇବାରେ ଲାଗିଛି। ବିଶେଷକରି ପାରମ୍ପରିକ ଚାକିରି ଅସଂଖ୍ୟ ଯୁବପିଢ଼ିଙ୍କ ଚାହିଦା ପୂରଣ କରିପାରୁ ନ ଥିବାରୁ ନୂଆ ଧରଣର ନିଯୁକ୍ତି ଲାଗି ପରିସର ବ୍ୟାପକ ହେଉଛି। ଏଭଳି ସନ୍ଧିକ୍ଷଣରେ ଦେଶର କେତେକ ଘରୋଇ ବିଶ୍ୱବିଦ୍ୟାଳୟ ସମୟ ଉପଯୋଗୀ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଆଗେଇ ଆସିଛନ୍ତି। ସେଗୁଡ଼ିକ ମଧ୍ୟରେ ଫିଜିଓଥେରାପି, ଫୋରେନ୍‌ସିକ୍ ସାଇନ୍ସ ବା ଅପରାଧ ଅନୁସନ୍ଧାନ ବିଜ୍ଞାନ, ଖାଦ୍ୟ ବିଜ୍ଞାନ ଓ ପ୍ରଯୁକ୍ତି, ବିପର୍ଯ୍ୟୟ ପରିଚାଳନା, କ୍ଲାଉଡ୍ ଇଞ୍ଜିନିୟରିଂ ଏବଂ ସ୍ପୋର୍ଟସ ସାଇନ୍ସର ଚାହିଦା ସର୍ବାଗ୍ରେ ରହୁଛି। କୋଭିଡ୍-୧୯ ଯୋଗୁ ବହୁଲୋକ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସେତେବେଳେ ଡାକ୍ତରଖାନାଗୁଡ଼ିକ ଫିଜିକାଲ ଟ୍ରେନିଂ ବା ପିଟିରେ ଅଭିଜ୍ଞତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଭଡ଼ାରେ ଆଣି ରୋଗୀଙ୍କୁ ସେବା ଯୋଗାଇଥିଲେ। ଏଥିସହିତ ପୂର୍ବାପେକ୍ଷା ଲୋକେ ଫିଟ୍ ରହିବାକୁ ଚାହୁଁଥିବାରୁ ସେମାନଙ୍କୁ ଆବଶ୍ୟକ ବ୍ୟାୟାମ କୌଶଳ ଓ ପରାମର୍ଶ ଦେବା ନିମନ୍ତେ ଫିଜିଓଥେରାପିଷ୍ଟଙ୍କ ଭୂମିକା ଗୁରୁତ୍ୱ ବହନ କରୁଛି। ସେହିପରି ନୂଆ ଧରଣର ଅପରାଧ ବଢ଼ୁଥିବାରୁ ଅପରାଧ ଅନୁସନ୍ଧାନ ବିଜ୍ଞାନର ଚାହିଦା ବଢ଼ିଛି। ପୂର୍ବରୁ ବିଜ୍ଞାନ ପାଠ୍ୟକ୍ରମ ପଢ଼ି ଚାକିରି ପାଉଥିବା ବ୍ୟକ୍ତିଙ୍କୁ ଏହି ଦିଗରେ ପ୍ରଶିକ୍ଷଣ ଦିଆଯାଉଥିଲା। ଏବେ ଯେଉଁମାନେ ସିଧାସଳଖ ସେହି ପାଠ୍ୟକ୍ରମ ବା ବିଷୟ ପଢ଼ିଥିବେ ସେମାନଙ୍କୁ ନିଯୁକ୍ତି ଦେବା ଅଧିକ ଉପଯୋଗୀ ହୋଇପାରିବ। ଅନୁରୂପ ଭାବେ ଦେଖିଲେ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମନୁଷ୍ୟକୃତ କାର୍ଯ୍ୟରୁ ସୃଷ୍ଟି ହେଉଥିବା ଅସ୍ୱାଭାବିକ ସ୍ଥିତିକୁ ମୁକାବିଲା କରିବା ସକାଶେ ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ି ତାଲିମପ୍ରାପ୍ତ ଯୁବତୀଯୁବକ ଅଧିକ ସହାୟକ ହୋଇପାରିବେ। ରାସାୟନିକ ଖାଦ୍ୟ ପରିମାଣ ବୃଦ୍ଧି ଓ ଅତ୍ୟାଧୁନିକ ଜୀବନଚର୍ଚ୍ଚା ଯୋଗୁ ଲାଇଫ୍‌ଷ୍ଟାଇଲ୍ ଡିଜିଜ୍ ବଢ଼ୁଥିବାରୁ ଖାଦ୍ୟ ବିଜ୍ଞାନ ଓ ପ୍ରଯୁକ୍ତିର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇଛି। ବେଙ୍ଗାଲୁରୁଭିତ୍ତିକ ରେଭା ଘରୋଇ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ସ୍ପୋର୍ଟସ ସାଇନ୍ସ ବା କ୍ରୀଡ଼ା ବିଜ୍ଞାନ ପାଠ୍ୟକ୍ରମ ପ୍ରଚଳନ କରିଛି। ଏହି ବିଷୟ ପଢ଼ି ପ୍ରଶିକ୍ଷିତ ହୋଇଥିବା ଆଶାୟୀଙ୍କୁ କ୍ରୀଡ଼ା ସଙ୍ଗଠନ ବା କମ୍ପାନୀଗୁଡ଼ିକ ଫିଟ୍‌ନେସ୍ ପରାମର୍ଶଦାତା ଭାବେ ନିଯୁକ୍ତି ଦେବାର ସମ୍ଭାବନା ରହିଛି। ସେହିଭଳି ପ୍ରତ୍ୟେକ ସଂସ୍ଥା ନିଜର ତଥ୍ୟ ୱେବ୍‌ରେ ସୁରକ୍ଷିତ ଭାବେ ସାଇତି ରଖିବା ଲାଗି ଆଇଟି ବିଭାଗକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି। ଯେହେତୁ ବିଶ୍ୱବ୍ୟାପୀ ହ୍ୟାକିଂ କରାଯାଇ ତଥ୍ୟ ଚୋରି କିମ୍ବା ବ୍ୟବସ୍ଥାକୁ ନଷ୍ଟ କରିଦିଆଯାଇପାରୁଛି, ସେଥିପାଇଁ କ୍ଲାଉଡ୍ ଇଞ୍ଜିନିୟରିଂର ଆବଶ୍ୟକତା ବଢ଼ୁଛି। ଆଲୋଚ୍ୟ ପାଠ୍ୟକ୍ରମ ବାହାରେ ଆହୁରି ବିଷୟବସ୍ତୁ ସମୟର ଆବଶ୍ୟକତା ଅନୁଯାୟୀ ଆସିପାରିବ, ଯାହାକୁ ପରବର୍ତ୍ତୀ ସମୟରେ ସନ୍ନିବେଶିତ କରାଯାଇପାରେ।

**ଦେଶର କେତେକ ଘରୋଇ ବିଶ୍ୱବିଦ୍ୟାଳୟ ସମୟ ଉପଯୋଗୀ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଆଗେଇ ଆସିଛନ୍ତି। ସେଗୁଡ଼ିକ ମଧ୍ୟରେ ଫିଜିଓଥେରାପି, ଫୋରେନ୍‌ସିକ୍ ସାଇନ୍ସ ବା ଅପରାଧ ଅନୁସନ୍ଧାନ ବିଜ୍ଞାନ, ଖାଦ୍ୟ ବିଜ୍ଞାନ ଓ ପ୍ରଯୁକ୍ତି, ବିପର୍ଯ୍ୟୟ ପରିଚାଳନା, କ୍ଲାଉଡ୍ ଇଞ୍ଜିନିୟରିଂ ଏବଂ ସ୍ପୋର୍ଟସ ସାଇନ୍ସର ଚାହିଦା ସର୍ବାଗ୍ରେ ରହୁଛି।**

ନୂତନ ଧରଣର ପାଠ୍ୟକ୍ରମ ପ୍ରତି ଯୁବବର୍ଗଙ୍କ ଚାହିଦା ବଢ଼ୁଥିଲେ ମଧ୍ୟ ପାରମ୍ପରିକ ବିଷୟ ଯଥା-ପଦାର୍ଥ ବିଜ୍ଞାନ, ମେକାନିକାଲ ଇଞ୍ଜିନିୟରିଂ, ଅର୍ଥନୀତି ଆଦିର ଗୁରୁତ୍ୱ ରହିଛି। ଏହି ବିଷୟଗୁଡ଼ିକରେ ନିଯୁକ୍ତି ସୁଯୋଗ ସୀମିତ ଥିବାରୁ ନୂଆ ପାଠ୍ୟକ୍ରମରେ ପ୍ରଶିକ୍ଷିତ ଆଶାୟୀଙ୍କୁ ଅପେକ୍ଷାକୃତ ଶୀଘ୍ର ଚାକିରି ମିଳିବାର ସୁଯୋଗ ଅଧିକ ରହିଛି। ରେଭା ଭଳି ଘରୋଇ ବିଶ୍ୱବିଦ୍ୟାଳୟ ଏବେ ଭିନ୍ନ ଚିନ୍ତାଧାରା ନେଇ ନୂଆ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ଦୁଃଖର ବିଷୟ ଯେ, ଓଡ଼ିଶାରେ ଅନେକ ବିରାଟକାୟ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଥିବା ସତ୍ତ୍ୱେ ନୂତନ ଚିନ୍ତାଧାରାକୁ କେହି ଆପଣାଉ ନାହାନ୍ତି। ପିଲାଙ୍କ ଭବିଷ୍ୟତ ପ୍ରତି ଧ୍ୟାନ ଦେବା ପରିବର୍ତ୍ତେ ଭିତ୍ତିଭୂମି, ଲ୍ୟାଣ୍ଡବ୍ୟାଙ୍କ ସୃଷ୍ଟି ଏବଂ ବ୍ୟବସାୟିକ ଦିଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ଓଡ଼ିଶା ଏକ ଶୈକ୍ଷିକ କେନ୍ଦ୍ରବିନ୍ଦୁ ହେବାରେ ବିଫଳ ହେଉଛି। ଗତାନୁଗତିକ ଶିକ୍ଷାର ଭବିଷ୍ୟତ କ୍ରମଶଃ ସଙ୍କୁଚିତ ହୋଇଯାଉଛି। ସେଥିପାଇଁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବେଠାରୁ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଆବଶ୍ୟକ।

# କିଏ ବଡ଼



ଡ. ସୁବାସ ଚନ୍ଦ୍ର ପାତ୍ର

ସାମାଜିକ କଥୋପକଥନରେ ବଡ଼ ସାନର କ୍ରମ ବିଷୟରେ ଆମକୁ କିଛି କଥା କୁହାଯାଇଥାଏ। ଯେମିତି ଡାକ୍ତର ଦ୍ୱିତୀୟ ଭଗବାନ୍, ଗୁରୁ ସାକ୍ଷାତ ଈଶ୍ୱର, କବି ତ୍ରିକାଳଦ୍ରଷ୍ଟା ଇତ୍ୟାଦି। ଡାକ୍ତର ଓ ଶିକ୍ଷକ କ୍ଷେତ୍ରରେ ଉଭୟ ବୃତ୍ତିକୁ ଗୌରବାନ୍ୱିତ କରିବା ପାଇଁ ପ୍ରଚଳିତ ସାମାଜିକ ଦୃଷ୍ଟିଭଙ୍ଗୀକୁ ଆମେ ପ୍ରତ୍ୟାଖ୍ୟାନ ନ କରି ପରିବର୍ତ୍ତିତ ପରିସ୍ଥିତିରେ ଆମେ ଉପରଲିଖିତ କ୍ଷେତ୍ର ପରି ବିଭିନ୍ନ କ୍ଷେତ୍ରକୁ ପୁନର୍ବଲୋକନ କଲେ ପ୍ରସଙ୍ଗର ବ୍ୟାପକତା ଅଧିକ ଜଣାପଡ଼ିବ।

ଜୀବନ ବଞ୍ଚାଇବା କ୍ଷେତ୍ରରେ ଆମେ ଡାକ୍ତରମାନଙ୍କ ଭୂମିକାକୁ ଭଗବାନ୍‌ଙ୍କ ଚମତ୍କାର ହିସାବରେ ନେଉଥିଲା ବେଳେ ଅନେକ ଡାକ୍ତର ନମ୍ରତା ପ୍ରକାଶକରି କହନ୍ତି, ''ଆମେ ଚିକିତ୍ସା କରୁ, 'ସେ' (ଭଗବାନ୍) ଆରୋଗ୍ୟ କରନ୍ତି''। ଜେ.ବି.ଏସ୍. ହାଲ୍‌ଡେନ୍‌ଙ୍କ ଭଳି କେତେଜଣ ଜୀବବିଜ୍ଞାନୀ ବିଶେଷଜ୍ଞ ଚିକିତ୍ସା ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ ରୋଗୀ ଏପରିକି ମୃତକମାନଙ୍କୁ ବହୁତ ଗୁରୁତ୍ୱ ଦିଅନ୍ତି। ହାଲ୍‌ଡେନ୍ କହନ୍ତି, ପୃଥିବୀରେ ବେଶ୍ କିଛି ଲୋକ ବିଭିନ୍ନ ମହାମାରୀରେ ମରିଥିଲେ ବୋଲି ଏବଂ ସେମାନଙ୍କ ମୃତଶରୀରର ଅଂଶ ବିଶେଷକୁ ନେଇ ଗବେଷଣା କରାଯାଇଥିଲା ବୋଲି ପରବର୍ତ୍ତୀ ସମୟରେ ଟିକା ଅବା ଇଞ୍ଜେକ୍ସନ ବାହାରିଲା ଯାହା ଅନେକଙ୍କ ଜୀବନରକ୍ଷାର କାରଣ ପାଲଟିଲା। ହୁଏତ ଏହା କୁହାଯାଇପାରେ, ପରବର୍ତ୍ତୀ ପିଢ଼ିର ଜୀବନ ରକ୍ଷା ପାଇଁ ମୃତ ପୂର୍ବ ପିଢ଼ି ପ୍ରକୃତରେ 'ଶହୀଦ' ହୋଇ ଯାଇଥିଲେ! ବିଭିନ୍ନ ଟିକା ବା ଇଞ୍ଜେକ୍ସନ ଉଦ୍ଭାବନ ପ୍ରକ୍ରିୟାରେ ବିଭିନ୍ନ ସ୍ୱେଚ୍ଛାସେବୀଙ୍କ ତ୍ୟାଗ ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଦୈନନ୍ଦିନ ରୋଗୀ ଚିକିତ୍ସାକ୍ଷେତ୍ରରେ ରୋଗୀର ସହଯୋଗ, ଆତ୍ମ-ଚିକିତ୍ସାରୁ ନିବୃତ୍ତି, ଡାକ୍ତର, ଔଷଧ ଓ ଚିକିତ୍ସାବିଧି ଉପରେ ବିଶ୍ୱାସ ମଧ୍ୟ ଡାକ୍ତରଙ୍କ ଚିକିତ୍ସାକୁ ସୁଗମ କରେ ଏବଂ ଡାକ୍ତରଙ୍କୁ ଭଗବତ ସ୍ତରକୁ ଘେନିଯାଏ। ଡାକ୍ତରଙ୍କ ଅବଦାନ ତ ଅତୁଳନୀୟ କିନ୍ତୁ ସଫଳ ଚିକିତ୍ସା ସହିତ ନୂତନ ଉଦ୍ଭାବନ ପାଇଁ ରୋଗୀ ଏପରିକି ମୃତରୋଗୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ, ବିଶେଷତଃ ପ୍ରାଚ୍ୟ ସଭ୍ୟତାରେ ଶିକ୍ଷକ ଅବା ଗୁରୁମାନଙ୍କୁ ବହୁତ ଉଚ୍ଚ ସ୍ଥାନରେ ଅଭିଷିକ୍ତ କରାଯାଇଛି। ଶିକ୍ଷାର ପ୍ରସାର ବିଶେଷତଃ ଶ୍ରେଣୀଶିକ୍ଷାରେ ସୂଚନା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛନ୍ତି। ବେଳେବେଳେ ସେମାନେ ଶ୍ରେଣୀ ଶିକ୍ଷାର ଏକ ସଙ୍କଟମୟ ମୁହୂର୍ତ୍ତରେ ଶିକ୍ଷକଙ୍କୁ ରକ୍ଷା କରନ୍ତି ତ କେତେବେଳେ ସେମାନେ ଗତାନୁଗତିକ ବ୍ୟାଖ୍ୟା ବା ବିଶ୍ଳେଷଣଠୁ ଦୂରେଇ ଏକ ଭିନ୍ନ ବ୍ୟାଖ୍ୟା ମାଧ୍ୟମରେ ବିଷୟବସ୍ତୁକୁ ଆହୁରି ଜୀବନ୍ତ ଓ ସମୟ ଉପଯୋଗୀ କରି ତୋଳନ୍ତି। ମନେପଡ଼େ ମୋର ଇଣ୍ଟରମିଡିଏଟ୍ ବିଜ୍ଞାନ ଶ୍ରେଣୀର କଥା। ପଦାର୍ଥ ବିଜ୍ଞାନ କ୍ଲାସ୍‌ରେ ଅଧ୍ୟାପକ ଜଣକ ଲେନ୍ସ ପାଠର ଏକ ସମୀକରଣକୁ ଉପସଂହାର ପର୍ଯ୍ୟନ୍ତ ନେଇପାରୁ ନ ଥିଲେ। ବାରମ୍ବାର ଚେଷ୍ଟାକରି ବିଫଳ ହେଲାପରେ ସେ ଭରାକ୍ଲାସ୍‌କୁ ସାହାଯ୍ୟ ମାଗିଲେ। ମୋର ଜଣେ ସହପାଠୀ ଗ୍ୟାଲେରିର ନିଜ ସ୍ଥାନରୁ ଓହ୍ଲାଇ ବ୍ଲାକ୍‌ବୋର୍ଡ ପାଖକୁ ଯାଇ ସାର୍‌ଙ୍କ ସହ ମିଶି ସମୀକରଣଟିକୁ ଠିକଣା ସ୍ଥାନରେ ପହଞ୍ଚିଦେଇଥିଲା। ଆମେ ତା' ପାଇଁ ଗୌରବାନ୍ୱିତ ହେଲୁ ଏବଂ ସେଦିନ ସାର୍ ମଧ୍ୟ ଅଧିକ ଅପଦସ୍ଥ ହେବାରୁ ବଞ୍ଚିଗଲେ। ଅନ୍ୟ ଏକ ଉଦାହରଣ କ୍ରମରେ 'ସିଂହୀ' (ଦ ଲାୟନେସ୍) ନାମକ ଏକ ଇଂରାଜୀ ଗଳ୍ପକୁ ଛାତ୍ରଟି ନୂତନ ଦୃଷ୍ଟିଭଙ୍ଗୀରେ ବ୍ୟାଖ୍ୟାକରି ଶିକ୍ଷକଙ୍କ ସମେତ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇ ପାରିଥିଲା। ସେହି ଗଳ୍ପରେ କୁହାଯାଇଛି କିପରି ଆଫ୍ରିକୀୟ ଜଙ୍ଗଲରେ ସର୍ଭେକାରୀ ଦଳ ଏକ ଶିବିର ସ୍ଥାପନ କରିଥିଲେ। କିଛିଦିନ ପରେ ଗୋଟିଏ ସିଂହୀ ପ୍ରଥମେ ମୁହଁ ଦେଖାଇ ଦେଖାଇ ପରେ ସେମାନେ ଫିଙ୍ଗିଦେଇଥିବା ମାଂସ ମଧ୍ୟ ଖାଇବାକୁ ଲାଗିଲା। ସର୍ଭେ ଦଳ ସେଠାରୁ ପ୍ରତ୍ୟାବର୍ତ୍ତନ କରିବାର ବହୁଦିନ ପରେ ସେମାନେ ପୁଣି ଥରେ ସର୍ଭେ କରିବାକୁ ସେହି ସ୍ଥାନର ନିକଟସ୍ଥ ଏକ ଜଙ୍ଗଲୀ ପୋଖରୀରୁ ଏକ ସିଂହର କଙ୍କାଳ ଦେଖିବାକୁ ପାଇଥିଲେ। ପ୍ରକୃତରେ ଏହା ଥିଲେ ସେହି ସିଂହୀର। ମନୁଷ୍ୟ ଦତ୍ତ ଖାଦ୍ୟ ଖାଇଖାଇ ସେ ତା'ର ଶିକାର ପ୍ରବୃତ୍ତି ଛାଡ଼ି ଦେଇ ମୃତ୍ୟୁମୁଖରେ ପଡିଥିଲା। ସାଧାରଣ ଭାବରେ କୁହାଯାଉଥିଲା ବନ୍ୟ ଜୀବଜନ୍ତୁ ପ୍ରତି ଅଧିକ ଦୟାଶୀଳ ମନୋଭାବ କେତେ କ୍ଷତିକାରକ। ଛାତ୍ରଟି କିନ୍ତୁ ଠିଆ ହୋଇ କହିଲା, ''ସାର୍, ଆମେ କାହିଁକି ଏ ଗଳ୍ପକୁ ପ୍ରତୀକାତ୍ମକ ଦୃଷ୍ଟିରେ ଦେଖିବା ନାହିଁ। ଅର୍ଥାତ୍ ଏ ଜଙ୍ଗଲ ହେଉଛି ଆଫ୍ରିକା ମହାଦେଶ ; ଏ ସର୍ଭେକାରୀ ଦଳ ହେଲେ ଚତୁର ଗୋରା ସାହେବ ଗୋଷ୍ଠୀ ; ସିଂହୀଟି ହେଲା ନିଗ୍ରୋ ଜାତି ଯେଉଁମାନେ ଚତୁର ଗୋରା ଶାସକଙ୍କ ପ୍ରଲୋଭନରେ ସ୍ୱଧର୍ମ ଛାଡ଼ି ରୁଗ୍‌ଣ, କାଙ୍ଗାଳ ପାଲଟିଯାଇଥିଲେ।'' ଖାଲି ନୂତନ ଦିଗ୍‌ଦର୍ଶନ ନୁହେଁ, ବେଳେବେଳେ ଶ୍ରେଣୀକକ୍ଷରେ ଛାତ୍ରୀଛାତ୍ରମାନଙ୍କର ଶିକ୍ଷକଙ୍କ ସୀମିତତାଜନିତ ଅସୁବିଧାକୁ ହୃଦୟଙ୍ଗମ ପୂର୍ବକ ଉଦାରତା ପ୍ରଦର୍ଶନ ସେମାନଙ୍କୁ ମହନୀୟ କରି ତୋଳେ। ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାର 'ଟଲଷ୍ଟୟ ଫାର୍ମ'ରେ ଶିକ୍ଷକତା କରୁଥିବା ବେଳେ ସେ ଏହି ଉଦାରତାର ଉପଭୋକ୍ତା ପାଲଟିଥିଲେ ଯେତେବେଳେ ସେ ପଢ଼ାଉଥିବା ପାଠ ତଥା ଭାଷା ଠିକ୍ ନ ଥିଲା। ପିଲାମାନେ କିନ୍ତୁ ନୀରବ ରହୁଥିଲେ, ଅବା ପାଠ ଉପଭୋଗ କରୁଥିବାର ଛଳନା କରୁଥିଲେ, ଗାନ୍ଧୀଙ୍କ ମନରେ ଆଘାତ ନ ଦେବା ପାଇଁ। ଅଥଚ ଗାନ୍ଧୀ ଘରକୁ ଫେରି ଭୁଲ୍‌ଗୁଡ଼ିକ ଧରି ପାରୁଥିଲେ। ସେ ଅସହାୟ ଥିଲେ କାରଣ ଶିକ୍ଷକ ଅଭାବ ଯୋଗୁ ସେ ବହୁ ବିଷୟ ଓ ବହୁତ ଭାରତୀୟ ଭାଷାର ଶିକ୍ଷାଦାନ କରୁଥିଲେ।



କବି, ଲେଖକ ଓ ପାଠକଙ୍କୁ ନେଇ ମଧ୍ୟ ସେହି ପ୍ରକାର ବଡ଼ ସାନର ବିଚାର କରାଯାଏ। ସାଧନା ଓ ପ୍ରେରଣା ପ୍ରସୂତ ଲେଖାଟି ପାଠକ ଆଗରେ ପରିବେଷଣକରି ଲେଖକ ସ୍ରଷ୍ଟା ବା ସୃଷ୍ଟିକର୍ତ୍ତା ଭୂମିକାରେ ଅବତୀର୍ଣ୍ଣ ହୁଏ। କିନ୍ତୁ ତା' ଲେଖାକୁ ଅଧିକ ଶାଣିତ, ଅଧିକ ସମୟୋପଯୋଗୀ ତଥା କାଳଜୟୀ କରିବାରେ ପାଠକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପାଠକର ଚିରନ୍ତନ, ଅଦୃଶ୍ୟ ଉପସ୍ଥିତି ଲେଖକଙ୍କୁ ଦାୟିତ୍ୱ ସଚେତନ କରାଏ ; ବେଳେବେଳେ ତାକୁ ନୀରବି ଯିବାକୁ ଆହ୍ୱାନ ଦିଏ। ଭକ୍ତ ଭଗବାନ ପ୍ରେକ୍ଷାପଟରେ ଭକ୍ତକୁ ବଡ଼ କଲା ଭଳି ଉଦାରତା ଆମେ ଭଗବାନ୍‌ଙ୍କ ପାଖରେ ଦେଖୁ ଯାହା ଶ୍ରୀମଦ୍ ଭାଗବତର ତୃତୀୟ ସ୍କନ୍ଧର ଷୋଡ଼ଶ ଅଧ୍ୟାୟରେ ପ୍ରତିଫଳିତ। ଯାହାର ଅର୍ଥ ହେଲା ''ମୋ ପାଦରେଣୁର ପବିତ୍ରତା ଆପଣଙ୍କ ଭଳି ବ୍ରହ୍ମଜ୍ଞମାନଙ୍କ ସେବାର ପରିଣାମ।''

ଡାକ୍ତର ଓ ଶିକ୍ଷକଙ୍କ ପ୍ରତି ସମାଜର ଭଗବତସମ ଦୃଷ୍ଟି ସେମାନଙ୍କର ଅହଂକାର ବୃଦ୍ଧି ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଏକ ଆପେକ୍ଷିକ ବିଚାରବୋଧ। ଚିକିତ୍ସା ବ୍ୟବସ୍ଥା କ୍ଷେତ୍ରରେ ରୋଗୀ ଯେତିକି ଜଣେ ଉପଭୋକ୍ତା, ସେତିକି ଜଣେ ଅବଦାନକାରୀ ମଣିଷ ; ଶିକ୍ଷା କ୍ଷେତ୍ରରେ ଛାତ୍ରଟି ଯେତିକି ଅନୁଗୃହୀତ, ସେତିକି ମଧ୍ୟ ଭିନ୍ନଦୃଷ୍ଟି ଉନ୍ମୋଚନରେ ସକ୍ଷମ, କାରଣ ପ୍ରତ୍ୟେକ ଛାତ୍ର ଜଣେ ଜଣେ ଅପେକ୍ଷମାଣ ଶିକ୍ଷକ। ମୂଳକଥା ହେଲା ଆମେ ଏମାନଙ୍କୁ କେତେ ଗୁରୁତ୍ୱଦେବା।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର,**
**ମୋ. : ୯୪୩୭୩୭୬୨୧୯**

# ହିଂସା ଓ ପ୍ରତିହିଂସା



ଅଧ୍ୟାପକ ଗୋପବନ୍ଧୁ

ହିଂସାରୁ ଜାତ ପ୍ରତିହିଂସା। ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା। ଘୃଣା, ବିଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ। ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରିୟା ଆଗକୁ ବଢ଼ିଚାଲେ। ଏହା ହଠାତ୍ ସମାପ୍ତ ହୁଏ ନାହିଁ। କ୍ରମେ ସଂକ୍ରମିତ ହୋଇ ଆହୁରି ବଢ଼େ। ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତକରେ। କ୍ରମେ ତାହା ଦାନାବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ। ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢ଼ି ପରେ ପିଢ଼ି ଉଜ୍ଜୀବିତ ରହେ। ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେନାହିଁ। ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ।

ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ। ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ। ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ। ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ। ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷିପ୍ରଭାବେ ବଂଶ ବିସ୍ତାରକରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ। ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ୍ୟ ଓ ସମୟସାପେକ୍ଷ ହୁଏ।

ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣାହୋଇଛି। ସାଧୀନତା ପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି। ରାଜନୀତି ଏଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି। ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା-ପ୍ରତିହିଂସା, ଘୃଣା-ଦ୍ୱେଷ, ଭଙ୍ଗା-ରୁଜା, ଗାଳି-ଗୁଲଜ, ରାଗ-ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି। ବିକାଶ ପରିବର୍ତ୍ତେ ଧାର୍ମିକ ଉନ୍ମାଦନା ସୃଷ୍ଟିକୁ ମୁଖ୍ୟ ବିଷୟଭାବେ ଗ୍ରହଣ କରାଯାଉଛି। ଧାର୍ମିକ ବିଦ୍ୱେଷର ମଞ୍ଜିବୁଣି ଧର୍ମ ଆଧାରରେ ଭୋଟର ଧ୍ରୁବୀକରଣ ପାଇଁ ପ୍ରୟାସ ହେଉଛି। ହିନ୍ଦୁ, ମୁସଲମାନ ଓ ଶିଖ୍ ଭୋଟର ଏକତ୍ରୀକରଣ ପାଇଁ ଚେଷ୍ଟା ହେଉଛି। ଏଥିପାଇଁ ଧାର୍ମିକ ବିଦ୍ୱେଷ ବିଷୟ ଖୋଜା ହେଉଛି ଓ ଲୋକଙ୍କ ମଧ୍ୟରେ ବଣ୍ଟା ହେଉଛି। ଧାର୍ମିକ ମଞ୍ଚରୁ ଗୋଟିଏ ଧର୍ମର ବଡ଼ବଡ଼ିଆମାନେ ଅନ୍ୟ ଧର୍ମର ଲୋକଙ୍କୁ ଗାଳି ଦେଉଛନ୍ତି। ରାଜନୈତିକ ମଞ୍ଚରୁ ମଧ୍ୟ ଧର୍ମ ଭିତ୍ତିରେ ଗାଳିଗୁଲଜ ହେଉଛି। ସମାଜରେ, ପରିବାରରେ, ଚା' ଖଟିରେ ବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି। ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତି ପ୍ରତି ଧାର୍ମିକ ଏବଂ ଜାତିଗତ ଘୃଣା ଶୁଣି ଶୁଣି ବଢ଼ୁଛି।



ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁ ଧାର୍ମିକ ମୌଳବାଦ ବଢ଼ୁଛି। ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯାତନା ଦିଆଯାଉଛି। ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ୍ୟ ଅଛି। ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି। ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ। ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତ୍‌କ୍ଷଣାତ ନୁହେଁ, ଏହା ଦୀର୍ଘ ମାନସିକତାର ପ୍ରତିଫଳନ। ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୂରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ। ଫଳରେ ହତ୍ୟା, ଗଣହତ୍ୟା, ମବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ସମ୍ମୁଖକୁ ଆସୁଛି। ନିକଟରେ ରାଜସ୍ଥାନର ଉଦୟପୁରରେ ହୋଇଥିବା ଜଘନ୍ୟ ହତ୍ୟା ମଧ୍ୟ ଏହାର ପ୍ରତିଫଳନ। ଦୁଇଜଣ ଭିନ୍ନ ସମ୍ପ୍ରଦାୟର ଯୁବକ ନନ୍ଦଲାଲକୁ ହତ୍ୟା କରିବା, ନନ୍ଦଲାଲ ନୂପୁର ଶର୍ମାର ସପକ୍ଷରେ ସାମାଜିକ ଗଣମାଧ୍ୟମରେ ଲେଖିବା, ନୂପୁର ଶର୍ମା ଦୂରଦର୍ଶନ ଆଲୋଚନାରେ ଇସଲାମ ଧର୍ମଗୁରୁଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବା, ସେ କୋଉଠୁ ନା କୋଉଠୁ ଏ ବିଷୟରେ ଶିକ୍ଷାଲାଭ କରିବା, ପ୍ରତିପକ୍ଷ ମଧ୍ୟ ତାଙ୍କୁ ଉସୁକାଇବା, ସାମାଜିକ ପ୍ରତିକ୍ରିୟାକୁ ସେମାନେ ଦୂରଦର୍ଶନରେ ରଖିବା ଇତ୍ୟାଦି ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡି ମାତ୍ର।

ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚିତ ? ଯିଏ ପରଦାର ସମ୍ମୁଖରେ ହିଂସା ପ୍ରଦର୍ଶନ କରୁଛି ସିଏ ନା ଯିଏ ଏଥିପାଇଁ ସମାଜରେ ବିଷମଞ୍ଜି ବୁଣିଆସିଛି ସିଏ ? ପ୍ରକୃତପକ୍ଷେ ଉଭୟେ ଦାୟୀ। ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡ଼ିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ। ଯେଉଁ ଗଣମାଧ୍ୟମଗୁଡ଼ିକ ବିଶେଷକରି ଚାନେଲଗୁଡ଼ିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି, ସେମାନେ ମଧ୍ୟ ଖସିଯାଇପାରିବେ ନାହିଁ।

ମନେରଖିବାକୁ ହେବ ଯେ ଗଣତନ୍ତ୍ରରେ ହିଂସାର ବିଜୟ ଅସମ୍ଭବ। କାରଣ ଗୋଟିଏ ହିଂସା ଆଉ ଗୋଟିଏ ହିଂସାକୁ ଜନ୍ମଦେବ। ଇତିହାସ ହେଉଛି ମୂକସାକ୍ଷୀ ଯେ ହିଂସା ସୃଷ୍ଟିକାରୀ ଦିନେ ନିଜେ ହିଂସାର ଶିକାର ହୁଏ। ରାଜନୈତିକ ଲାଭପାଇଁ ଧାର୍ମିକ ବିଦ୍ୱେଷର ଯେଉଁ ସାହାରା ନିଆଯାଉଛି ତାହା ଦିନେ ବୁମେରାଂ ହେବ। କାରଣ ବିଦ୍ୱେଷ ବିଭିନ୍ନ ରୂପରେ ତିଆରି ହେବ। ଯିଏ ବିଦ୍ୱେଷ ବାଣ୍ଟୁଛି ତା' ବିରୋଧରେ ବି କାଲି ବିଦ୍ୱେଷ ତିଆରି ହେବ। ଏହାଛଡ଼ା ନିଜର ଫାଇଦା ପାଇଁ ଯେଉଁ ଭିଡ଼ତନ୍ତ୍ର ତିଆରି କରାଯାଉଛି ହିଂସାପାଇଁ, ଦିନ ଆସିବ ସେହି ଭିଡ଼ ନିୟନ୍ତ୍ରଣର ବାହାରକୁ ଚାଲିଯିବ। ସେତେବେଳେ ଏଇମାନେ ହିଁ ଭସ୍ମାସୁର ବନିଯିବେ। ଏହି ଅବସ୍ଥା ଆସିଲା ବେଳକୁ ଦେଶରେ ଅରାଜକତା ଚରମସୀମାରେ ପହଞ୍ଚି ସାରିଥିବ।

**(ଅବସରପ୍ରାପ୍ତ, ଦର୍ଶନ ବିଭାଗ)**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 7 | 5 | 1 | | |
| | | | 1 | 8 | | | 5 | 6 |
| | | | | | | 8 | | |
| 4 | | 2 | 6 | | | | | |
| | | | | 9 | | | 4 | 8 |
| | | | | | | | | 3 |
| | 1 | | 2 | | | 6 | 9 | |
| | 2 | 7 | | | | | 1 | 5 |
| | 9 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 4 | 6 | 7 | 9 | 1 | 2 | 8 |
| 9 | 8 | 1 | 5 | 2 | 4 | 6 | 7 | 3 |
| 2 | 6 | 7 | 3 | 8 | 1 | 5 | 9 | 4 |
| 8 | 7 | 3 | 9 | 1 | 6 | 2 | 4 | 5 |
| 5 | 1 | 9 | 2 | 4 | 8 | 3 | 6 | 7 |
| 6 | 4 | 2 | 7 | 3 | 5 | 8 | 1 | 9 |
| 1 | 9 | 6 | 8 | 5 | 7 | 4 | 3 | 2 |
| 7 | 2 | 5 | 4 | 6 | 3 | 9 | 8 | 1 |
| 4 | 3 | 8 | 1 | 9 | 2 | 7 | 5 | 6 |

ଗତକାଲିର ଉତ୍ତର

## ଏଇ ଭାରତରେ

ଆଇଆଇଟି,ମୁମ୍ବାଇର ୨ ପୁରାତନ ଛାତ୍ର ନୀତୀଶ ପାରିଖ ଏବଂ ରାଜକୁମାର କ୍ୱେଟ ଏଭଳି ସାଇକେଲ ନିର୍ମାଣ କରିଛନ୍ତି ଯେ, ତାହାକୁ ଟ୍ରଲି ବ୍ୟାଗ୍ ଭଳି ଫୋଲ୍ଡିଂକରି ନେଇହେବ। କେବଳ ଏତିକି ନୁହେଁ, ଏହାକୁ ମଧ୍ୟ ଇଲେକ୍‌ଟ୍ରିକ୍ ବାଇକ୍ ଭାବେ ବ୍ୟବହାର କରାଯାଇପାରିବ। ଏହାର ଆକାର ବଜାରରେ ଉପଲବ୍ଧ ଛୋଟ ସାଇକେଲ ଭଳି। ସାଇକେଲ ନିର୍ମାଣ କରିବା ଲାଗି ଏହି ଦୁଇ ବନ୍ଧୁଙ୍କୁ ୨ ବର୍ଷ ଲାଗିଯାଇଥିଲା। ରାଜକୁମାର ଟ୍ରାନ୍ସପୋର୍ଟେଶନ ଡିଜାଇନରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିବା ବେଳେ ନୀତୀଶ ଜଣେ ମେକାନିକାଲ ଇଞ୍ଜିନିୟର। ନୀତୀଶ କହନ୍ତି, ସେମାନେ ବାହାରକୁ ସାଇକେଲ ନେଲେ ଲୋକମାନେ ଏହାକୁ ଏକ ସାମାନ୍ୟ ସାଇକେଲ ମନେକରନ୍ତି, କିନ୍ତୁ ଫୋଲ୍ଡିଂ କରିବା ପରେ ସେମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଏହି ସାଇକେଲକୁ ତିନୋଟି ଉପାୟରେ ଚଲାଇ ହେଉଛି। ପ୍ରଥମରେ ପ୍ୟାଡେଲରେ ଚଳାଇହେବ। ଦ୍ୱିତୀୟରେ ହାଇବ୍ରିଡ୍ ମୋଡ୍, ଯେଉଁଥିରେ ମୋଟର ଓ ପ୍ୟାଡେଲ ଦୁଇଟିର ଉପଯୋଗ ହେବ। ତୃତୀୟରେ ଫୁଲ୍ ମୋଟର ମୋଡ୍, ଯେଉଁଥିରେ ସାଇକେଲକୁ ଏକ ବାଇକକୁ ବଦଳାଯାଇପାରିବ। ଏଥିରେ ଥିବା ବ୍ୟାଟେରିକୁ ସହଜରେ ବାହାର କରାଯାଇପାରୁଛି। ଉକ୍ତ ସାଇକେଲକୁ ହାଇଦ୍ରାବାଦରେ ବ୍ୟବସାୟିକ ଭିତ୍ତିରେ ନିର୍ମାଣ କରାଯାଇ ସେପ୍ଟେମ୍ବର ସୁଦ୍ଧା ବଜାରରେ ଉପଲବ୍ଧ କରାଯିବା ଯୋଜନା ରହିଛି ବୋଲି କହନ୍ତି ରାଜକୁମାର।

## ୨୫ ବର୍ଷ ତଳର ଧରିତ୍ରୀ

୬ ଜୁଲାଇ ୧୯୯୭

- ୱିମ୍ବେଲଡନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ମାର୍ଟିନା ହିଙ୍ଗିସ୍ ୟାନା ନୋଭୋନାଙ୍କୁ ପରାସ୍ତ କରି ସର୍ବକନିଷ୍ଠା ୱିମ୍ବେଲଡନ୍ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଛନ୍ତି।
- କୁଥୁପାରାମ୍ବଠାରେ ଘଟିଥିବା ଗୁଳିଚାଳନା ଘଟଣା ସହ ସମ୍ପୃକ୍ତ ଅଭିଯୋଗରେ କେରଳର ପୂର୍ବତନ ସମବାୟ ମନ୍ତ୍ରୀ ଏମ୍.ଭି. ରାଘବନ ଗିରଫ।
- ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଜନତା ଦଳ ଗଠିତ।

# ପାଠକ ଶ୍ରେଷ୍ଠ ବିଚାରକ

## ପରିସଂଖ୍ୟାନକୁ ନେଇ ପ୍ରଶ୍ନବାଚୀ

ମହାଶୟ,

୨୦୨୧-୨୨ ଆର୍ଥିକ ବର୍ଷ ଦେଶର ଆର୍ଥିକ ଅଭିବୃଦ୍ଧି ୮୨% ରହିଥିବା ଖବର ଗଣ ମାଧ୍ୟମରେ ସାର୍ବଜନୀନ ହୋଇଛି। ଏହା ଆମ ସମସ୍ତଙ୍କ ପାଇଁ ଏକ ଖୁସି ଖବର। ଦେଶର ଅର୍ଥନୀତିରେ ସୁଧାର ଆସୁଥିବା ଏଥରୁ ଜଣାପଡୁଛି। ତେବେ ତ୍ରୈମାସିକ ଜିଡିପି ଅଭିବୃଦ୍ଧି ହାରର ହିସାବରୁ ଜଣାପଡିଛି ଏହି ଅଭିବୃଦ୍ଧି ପ୍ରଥମ ତ୍ରୈମାସିକ (ଏପ୍ରିଲ ୨୧ରୁ ଜୁନ୍ ୨୧)ରେ ୨୦.୧%, ଦ୍ୱିତୀୟ ତ୍ରୈମାସିକ (ଜୁଲାଇ ୨୧ରୁ ସେପ୍ଟେମ୍ବର ୨୧)ରେ ୮.୪%, ତୃତୀୟ ତ୍ରୈମାସିକ (ଅକ୍ଟୋବର ୨୧ରୁ ଡିସେମ୍ବର ୨୧)ରେ ୫.୪% ଓ ଚତୁର୍ଥ ସପ୍ତାହ ( ଜାନୁୟାରୀ ୨୨ରୁ ମାର୍ଚ୍ଚ ୨୨)ରେ ୪.୧ % ଥିଲା। ଏହା ସମସ୍ତଙ୍କୁ ବିସ୍ମିତ କରିଛି। ପ୍ରଥମ ତ୍ରୈମାସିକ ସମୟରେ କରୋନା କଟକଣା ଅଧିକ ଥିଲା ଓ ଜୁନ୍ ୨୧ରେ ଜି.ଏସ୍.ଟି ମାତ୍ର ୯୨,୮୪୯ କୋଟି ଆଦାୟ ହୋଇଥିଲା। ଚତୁର୍ଥ ତ୍ରୈମାସିକରେ କରୋନା କଟକଣା କୋହଳ ଥିଲା ଏବଂ ଏହି ତ୍ରୈମାସିକରେ ମାର୍ଚ୍ଚ ୨୨ରେ ଜିଏସ୍‌ଟି ଆଦାୟ ସର୍ବୋଚ୍ଚ ୧,୪୨,୦୦୦ କୋଟି ଥିଲା। ଏପରି ସ୍ଥିତିରେ ପ୍ରଥମ ତ୍ରୈମାସିକରେ ଅଭିବୃଦ୍ଧି ସର୍ବୋଚ୍ଚ ୨୦.୧ % ରହିବା ଓ ଚତୁର୍ଥ ତ୍ରୈମାସିକରେ ସର୍ବନିମ୍ନ ୪.୧ % ରହିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା ଉପରେ ଅଧିକ ଅନୁଶୀଳନର ଆବଶ୍ୟକତା ରହିଛି।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

ମୁକୁରେ ନିଜ ବଦନ ଶୋଭା ଦେଖଇଁ
ମୁଗ୍‌ଧ ଆଖି ନୟନ ପରେ ରଖଇଁ
କଲୁଷହୀନ ସଜ ଅଧର
ମୁକୁରେ ନେଇ ଚାପଇଁ ମୋର
ଗଣ୍ଡ ମୋର ମୁକୁରେ ନେଇ ଯୋଖଇଁ।
-(ପ୍ରସାଧନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାମ୍‌ଜୀ କଲେଜରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ଦିଗପହଣ୍ଡି,୫।୭(ଡି.ଏନ.ଏ.):ଦିଗପହଣ୍ଡି ବ୍ଲକ ଭିଷ୍ମଗିରି ଗ୍ରାମସ୍ଥିତ ରାମଜୀ ଡିଗ୍ରୀ କଲେଜ ଆଇକ୍ୟୁଏସି ତରଫରୁ ସୋମବାର ଶିକ୍ଷା ବିଭାଗ, ଓଡ଼ିଆ ବିଭାଗ ଓ ରାଜନୀତି ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ରଘୁନାଥ ନାୟକ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରମାନେ ନିୟମିତ କଲେଜ ଆସିବା ସହ କିଭଳି ଗୁରୁ-ଶିଷ୍ୟଙ୍କ ମଧରେ ସୁସମନ୍ୱୟ ରହିପାରିବ ସେ ସମ୍ପର୍କରେ ବିଭାଗୀୟ ମୁଖ୍ୟମାନେ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧାପିକା ଅଧାପକ, 'ନାକ୍'ର ସଂଯୋଜକ ଅଧାପକ ନିହାର ରଞ୍ଜନ କର, ଆଇକ୍ୟୁଏସି ସଂଯୋଜକ କାହ୍ନୁ ଚରଣ ପାଢ଼ୀ, ଅଧାପିକା ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଅଧାପିକା ରଶ୍ମିତା କୁମାରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

### ସାମୁହିକ ବ୍ରତୋପନୟନ

ଆସିକା,୫।୭(ଡି.ଏନ.ଏ.): ଖାଲସା ତାଲୁକା ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ସମାଜ ତରଫରୁ ସ୍ଥାନୀୟ ତ୍ରିବିକ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସମାଜର ଆର୍ଥିକ ଅନଗ୍ରସର ୩୬ ପିଲାଙ୍କ ସାମୁହିକ ବ୍ରତୋପନୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବୁଗୁଡା ବ୍ଲକ ଅଧକ୍ଷା ଅର୍ଚ୍ଚନା ପ୍ରିୟଦର୍ଶିନୀ ଆଚାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସମାଜର ୧୫ଟି ତାଲୁକାର ପଦାଧିକାରୀମାନେ ଯୋଗ ଦେଇଥିଲେ। ନୟାଗଡ, କଟକ, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲା ସମେତ ପଡୋଶୀ ଆନ୍ଧ୍ରର କେତେକ ଅଞ୍ଚଳର ବିଶ୍ୱ ବ୍ରାହ୍ମଣ ସମାଜର ପିଲାମାନେ ବ୍ରତୋପନୟନରେ ସାମିଲ ଥିଲେ। ଆର. ଚିଦାନନ୍ଦ ଆଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମେଶ୍ୱର ଆଚାରୀ, ବିଶ୍ୱନାଥ ଆଚାରୀ, ତ୍ରିଲୋଚନ ଆଚାରୀ, ମୋହନ ରାଓ ଆଚାରୀ, ପାରଦେଶମ ଆଚାରୀଙ୍କ ସମେତ ସମାଜର ଯୁବକ ସଂଘ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗରେ ଶୋକ

ଫୁଲବାଣୀ ଅଫିସ, ୫।୭: କନ୍ଧମାଳ ଜିଲାର ଜଣାଶୁଣା ସାମାଜିକ କର୍ମୀ ଶଶାଙ୍କ ଶେଖର ସାହୁଙ୍କ ଖଜୁରୀପଡା ବ୍ଲକ ଖଲିବେରେଣାସ୍ଥିତ ଫାର୍ମ ହାଉସ ଜମିରେ ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିଲା ବିକାଶ ପରିଷଦ ଆବାହକ ଅଶୋକ ପରିଡା, ସଭାପତି ହରିଶ୍ଚନ୍ଦ୍ର ମହାରଣା, ବିଜୟ ପଟନାୟକ, ନାରାୟଣ ସାହୁ, ଅଶୋକ ପଟ୍ଟନାୟକ, କପିଳେଶ୍ୱର ସେନାପତି, ଭଗବାନ ମହାନ୍ତି, ବ୍ରଜ ପଟ୍ଟନାୟକ, ନୃସିଂହାନନ୍ଦ ମହାପାତ୍ର, ରବିନ୍ଦ୍ର ନାଥ ମିଶ୍ର, ବୈଦ୍ୟନାଥ ଖଟୁଆ, ହରିଶଙ୍କର ରାଉତ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶଶାଙ୍କଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଶଶାଙ୍କ ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ (ପିଏଜି)ର ପୂର୍ବତନ ଆବାହକ ଥିଲେ। ଜିଲା ବିକାଶ ପରିଷଦର ପ୍ରତିଷ୍ଠାତା ସଦସ୍ୟ ସହ ସମ୍ବଲ ବିକାଶ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ମିଳିତ ନାଗରିକ କମିଟିର ଜଣେ ସକ୍ରିୟ ନାୟକ ଥିଲେ। ଅନ୍ୟାୟ, ଦୁର୍ନୀତିକୁ ସବୁବେଳେ ବିରୋଧ କରୁଥିଲେ।

# ଛାତ୍ରୀମୃତ୍ୟୁ ଘଟଣାକୁ ନେଇ ବଢୁଛି ଅସନ୍ତୋଷ

## ଏସ୍‌ପିଙ୍କୁ ଭେଟିଲେ କଂଗ୍ରେସ କର୍ମକର୍ତ୍ତା

**ଫୁଲବାଣୀ ଅଫିସ, ୫।୭**

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସରକାରୀ ଆଇଟିଆଇ ପାଖ ଜଙ୍ଗଲରେ ଗତ ୧୬ ତାରିଖରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ସମ୍ପୃକ୍ତ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ ସ୍ୱାଭାବିକ କିମ୍ବା ଆତ୍ମହତ୍ୟା ନୁହେଁ, ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ବାରମ୍ବାର ଅଭିଯୋଗ କରୁଛନ୍ତି। ଘଟଣାକୁ ଇତିମଧ୍ୟରେ ୧୯ ଦିନ ବିତି ଯାଇଥିଲେ ମଧ ପୋଲିସ ତଦନ୍ତ ଆଗକୁ ବଢ଼ିନାହିଁ। ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଏବେ କଂଗ୍ରେସ ଅଣ୍ଟା ଭିଡିଛି।

ଗତ ସୋମବାର ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କର୍ମକର୍ତ୍ତା ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ତୁରନ୍ତ ବଳାତ୍କାରୀଙ୍କୁ ଗିରଫ କରାଯାଉ ବୋଲି ସେମାନେ ଦାବି କରିଥିଲେ। ମଙ୍ଗଳବାର ଜିଲା ସଭାପତି ଅନାମ ନାୟକ ଏବଂ ପିସିସି ସମ୍ପାଦକ ଚନ୍ଦ୍ର ଶେଖର ପରିଡାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଏସ୍‌ପି ବିନୀତ ଅଗ୍ରୱାଲଙ୍କୁ ଭେଟି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାରେ ସମ୍ପୃକ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବାକୁ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବ ବୋଲି ଏସ୍‌ପି ଅଗ୍ରୱାଲ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ହେମନ୍ତ କର, ନନ୍ଦକିଶୋର ଦାସ, ବସନ୍ତ କୁମାର ପାଢ଼ୀ, ଅନୁପମ କହଁର, ବଳଦେବ ବେହେରା, ଗୌର ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ନାବାଳିକା ଛାତ୍ରୀ ଜଣକ ଦୂତିପଡା ଲେମ୍ବୁବଗିଚା ହାଇସ୍କୁଲରେ ରହି ପଢୁଥିଲେ। ସ୍କୁଲ ଛୁଟି ହେବାରୁ ସେ ତାଙ୍କ ମା'ଙ୍କ ସହ ଘରକୁ ଆସିଥିଲେ। ଘରେ କିଛି ଦିନ ରହି ସେ ଡକାଙ୍ଗିକୁ ଜଣେ ସାଙ୍ଗ ଘରକୁ ଯାଇ ଆଉ ଫେରି ନ ଥିଲେ। ଦୁଇଦିନ ପରେ ଆଇଟିଆଇ ପାଖ ନିକଟସ୍ଥ ଏକ ଆମ୍ବ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିକୁ ଲକ୍ଷ୍ୟ କରି ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ଥିବା ପରିବାର ଲୋକେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ଏବେ ଭିସେରା ରିପୋର୍ଟକୁ ଅନାଇ ବସିଛି।



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

**ଆସିକା,୫।୭(ଡି.ଏନ.ଏ.)**

ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର କଲେଜଛକ ନିକଟରେ ମଙ୍ଗଳବାର ଅପରାହ୍ଣରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମର ବିକ୍ରମ ମିଶ୍ର। ଆହତ କଟକ ଫୁଲନଖରାର ସାଗର ସ୍ୱାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନ୍ତର ହୋଇଛନ୍ତି।

ପ୍ରକାଶ ଯେ, ବିକ୍ରମ କଲେଜ ଛକରୁ ବାଇକ୍‌ରେ ନଳବଣ୍ଟା ଫେରୁଥିଲା ବେଳେ ଏକ ଭୋଜିରେ ଯୋଗଦେବା ଲାଗି ମାଗୁରା ଗ୍ରାମକୁ ଆସିଥିବା ସାଗରଙ୍କ ବାଇକ୍ ସହ ଧକ୍କା ହୋଇଥିଲେ। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଆସିକା ଡାକ୍ତରଖାନାକୁ ନିଆଯାଇଥିଲେ ମଧ ବିକ୍ରମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ସାଗରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ନେଇ ବିକ୍ରମଙ୍କ ବାପା ରବିନ୍ଦ୍ର ମିଶ୍ର ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଭାରସାମ୍ୟ ହରାଇ ଓଲଟିଲା ବସ୍, ୧୫ରୁ ଉର୍ଦ୍ଧ୍ୱ ଆହତ



ଓଲଟି ପଡ଼ିଥିବା ଯାତ୍ରୀବାହୀ ବସ୍।

**ବୁଗୁଡ଼ା,୫।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗିଡ଼ି ଗାଁ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ମିନିବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ବାପାଙ୍ଗି ନାମକ ଏକ ମିନିବସ୍ (ଓଆର୦୭ଏନ୍-୭୦୨୨)ଟି ବୁଗୁଡ଼ାରୁ ଭଞ୍ଜନଗର ଅଭିମୁଖେ ଦ୍ରୁତଗତିରେ ଯାଉଥିଲା। ପାଙ୍ଗିଡ଼ି ଗାଁ ନିକଟରେ ଏହା ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛକୁ ଧକ୍କା ଦେଇ ବିଲ ମଧରେ ଓଲଟି ପଡିଥିଲା। ଖବରପାଇ ଦମକଳବାହିନୀ ପହଞ୍ଚି ଆହତ ଯାତ୍ରୀମାନଙ୍କୁ ବସ୍‌ରୁ ଉଦ୍ଧାର କରିବା ପରେ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ଗାଡି ଚାଳକ ଫେରାର ହୋଇଯାଇଛନ୍ତି। ବୁଗୁଡ଼ା ପୋଲିସ ଘଟଣାର ତଦନ୍ତ କରୁଛି।

# କନିଷି ତହସିଲରେ ଆର୍‌ଡିସିଙ୍କ ସମୀକ୍ଷା

## ନୂତନ ରାସ୍ତା ନିର୍ମାଣ ନେଇ ଆଲୋଚନା

**ଗୋପାଳପୁର,୫।୭(ଡି.ଏନ.ଏ.)**

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ଟି. ଆଓ ମଙ୍ଗଳବାର କନିଷି ତହସିଲ କାର୍ଯ୍ୟାଳୟ ଗସ୍ତ କରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ମଧ୍ୟାହ୍ନରେ ରାଜସ୍ୱ କମିଶନର କନିଷି କାର୍ଯ୍ୟାଳୟରେ ଗ୍ରାମକଣ୍ଟକ, ବେବନ୍ଦୋବସ୍ତ, ଷ୍ଟୋନସୋର୍ସ ଆଦି କାର୍ଯ୍ୟର ତଦାରଖ କରିଥିଲେ। ବର୍ତ୍ତମାନ ସୁଦ୍ଧା କେତୋଟି ପଟ୍ଟା ଲୋକଙ୍କୁ ବଣ୍ଟନ ହୋଇନାହିଁ ତାହା ବୁଝିବା ସହ ସେଗୁଡ଼ିକୁ ତୁରନ୍ତ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କୁ ଉଚିତ ସେବା ଯୋଗାଇଦେବାକୁ କହିଥିଲେ। ଏଥିସହ ଲିଜ୍ ହୋଇ ନ ଥିବା ଷ୍ଟୋନସୋର୍ସଗୁଡ଼ିକୁ ତୁରନ୍ତ ଲିଜ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ଉକ୍ତ କାର୍ଯ୍ୟାଳୟ କର୍ମଚାରୀ ଅଭାବରୁ ବହୁ କାର୍ଯ୍ୟରେ ବିଳମ୍ବ ଘଟୁଥିବା ନେଇ ଉପସ୍ଥିତ କର୍ମଚାରୀମାନେ ଆରଡିସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆର୍‌ଡିସି ସେଠାରୁ ବାହାରି ଲହୁଡ଼ିଗାଁ ଗସ୍ତ କରିଥିଲେ। ସେଠାରେ ଆଇଜରକୁ ସଂଯୋଗ ହେଉଥିବା ଲହୁଡ଼ିଗାଁ ଓ ମାର୍କଣ୍ଡି ରାସ୍ତାକୁ ଆଗାମୀ ଦିନରେ ବନ୍ଦ କରାଯିବା ସହ ଲହୁଡ଼ିଗାଁ ପଞ୍ଚାୟତ ପାର୍ଶ୍ୱରେ ନୂତନ ରାସ୍ତା ନିର୍ମାଣ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ଭାରପ୍ରାପ୍ତ ବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, କନିଷି ଭାରପ୍ରାପ୍ତ ତହସିଲଦାର ମନୋଜ କୁମାର କୁଜୁର, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାସମଲ, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ଜିଆର୍‌ଏସ୍ ସୁଦାମ ପାତ୍ର, ରାଜସ୍ୱ ନିରୀକ୍ଷକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ନୂତନ ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରୁଛନ୍ତି ଆରଡିସି।

### ୨୯ ବର୍ଷରେ ବୃକ୍ଷ ମହୋତ୍ସବ, ଅଷ୍ଟପ୍ରହର ନାମଯଜ୍ଞ

**ଗଞ୍ଜାମ, ୫।୭(ଡି.ଏନ.ଏ.)**

ଗଞ୍ଜାମ ସହରସ୍ଥିତ ଗ୍ରାସୀମ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବର୍ଷ ହେଉଥିବା ବୃକ୍ଷ ମହୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ୨୯ ବର୍ଷରେ ପହଞ୍ଚିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଆଷାଢ଼ ଶୁକ୍ଳପକ୍ଷ ବୁଧବାର ଏହାର ଶୁଭାରମ୍ଭ ହେବ। ମଙ୍ଗଳବାର ଅଧିବାସ କଳସ ଯାତ୍ରାରେ ଋଷିକୁଲ୍ୟା ନଦୀରୁ ପାଣି ଅଣାଯିବା ପରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ସୂର୍ଯ୍ୟନାରାୟଣପୁର ଗ୍ରାମର ବିକ୍ରମ କୁମାର ପ୍ରଧାନ ଏହାର ଆୟୋଜନ କରିଆସୁଛନ୍ତି। ତାଙ୍କୁ ବୀର ପଲାଇ ଓ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସହଯୋଗ କରୁଛନ୍ତି। ଅଷ୍ଟପ୍ରହର ନାମଯଜ୍ଞରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି ଓ ଆସନ୍ତା ୭ରେ ପୂର୍ଣ୍ଣାହୁତି ଓ ନାମଯଜ୍ଞ ସମାପ୍ତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

### ପୋଚ ନଷ୍ଟ, ମଦ ଜବତ

**ପାରଳାଖେମୁଣ୍ଡି,୫।୭(ଡି.ଏନ୍.ଏ.)**

ଗଜପତି ଜଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲାରେ ଥିବା ବିଭିନ୍ନ ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ପାରଳା ଆଦର୍ଶ ଥାନା ଗୋଷାଣୀ ବ୍ଲକ ଅନ୍ତର୍ଗତ ତୁଳସୀପାଡୁ ଗ୍ରାମଠାରେ ଚଢାଉ କରାଯାଇ ୨୮୦୦ଲିଟର ମହୁଲ ପୋଚକୁ ନଷ୍ଟ କରାଯାଇଥିବା ବେଳେ ଉଲ୍ଲେଖିତ ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମଠାରେ ଚଢାଉ କରାଯାଇ ୧୮୦୦ଲିଟର ମହୁଲ ପୋଚକୁ ନଷ୍ଟ କରାଯାଇଛି। ଏଥିସହ ୧୪୦ ଲିଟର ଦେଶୀ ରନ୍ଧାମଦକୁ ଜବତ କରାଯାଇଛି।

# ଶ୍ରେଣୀଗୃହ ନାହିଁ, ବାରଣ୍ଡାରେ ପାଠପଢ଼ା



ବିଦ୍ୟାଳୟ ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

**କାଶୀନଗର, ୫।୭**

ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ସରକାରଙ୍କ ବିଭିନ୍ନ ଯୋଜନା ଅନୁଷ୍ଠିତ ହେଉଛି। କିନ୍ତୁ କାଶିନଗର ବ୍ଲକରେ ଏପରି ଗୁଣାତ୍ମକ ଶିକ୍ଷା ଦେଖିବାକୁ ମିଳୁନାହିଁ। ଏହି ବିଷୟରେ ଅନୁସନ୍ଧାନ କରିଥିବାରୁ ଜଣାପଡ଼ିଛି ଯେ କାଶିନଗର ବ୍ଲକର ସିଆଳି ପଞ୍ଚାୟତର କେଉଁ ସ୍କୁଲରେ ଶ୍ରେଣୀଗୃହ ଅଭାବ, ଅନ୍ୟ କେଉଁଠି ଛାତ୍ରୀଛାତ୍ର ତୁଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ। ସିଆଳି ପଞ୍ଚାୟତର କଇଠପଦର ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ୨ଟି ଥିବା ବେଳେ ଛାତ୍ରୀଛାତ୍ର ସଂଖ୍ୟା ୧୦୧ ଓ ଶିକ୍ଷୟିତ୍ରୀ ଶିକ୍ଷକ ୭ ଜଣ। ଶ୍ରେଣୀ ଗୃହ ଅଭାବରୁ ଛାତ୍ରୀଛାତ୍ରମାନେ ବାହାର ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଶ୍ରେଣୀଗୃହ ଭିତରେ ମଧ୍ୟାହ୍ନଭୋଜନ ଚାଉଳ ଗଚ୍ଛିତ ରଖାଯାଇଛି। ସେହିପରି ପାପେୟାପେଟା ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ସେଠାରେ ଗୋଟିଏ ଶ୍ରେଣୀଗୃହ ଥିବା ବେଳେ ସେହି ଶ୍ରେଣୀଗୃହରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୯୫ ଜଣ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ସେଠାରେ ୪ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଗୋଟିଏ ଶ୍ରେଣୀଗୃହରେ ୫ କ୍ଲାସ ପଢ଼ାଯାଉଛି। ସେହିପରି କରଣସିଭଦ୍ରା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୨ ଛାତ୍ରୀଛାତ୍ର ପଢୁଛନ୍ତି। ସେଠାରେ ୪ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଗୋଟିଏ ମାତ୍ର ଶ୍ରେଣୀଗୃହ ରହିଛି। ଏଠାରେ ଗୁଣାତ୍ମକ ଶିକ୍ଷା କିପରି ଭାବେ ପାଳନ ହେଉଛି ତାହା ସ୍ପଷ୍ଟ ଭାବେ ଜଣାଯାଉଛି।

# ଗୁଣିଗାରେଡ଼ି ବିରୋଧୀ ସଚେତନତା ସଭା

**ପୋଲସରା,୫।୭(ଡି.ଏନ.ଏ.)**

ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡା ଗ୍ରାମରେ ଦୀର୍ଘ ମାସରୁ ଉର୍ଦ୍ଧ୍ୱ ହେବ ଭାବରଡ଼ା ଗ୍ରାମର ଶିବ ମନ୍ଦିର ନିକଟରେ ଥିବା ବଡ଼ବନ୍ଧରେ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କ ଶାଢ଼ିର ପଣତକୁ କିଏ ଅଜଣା କାଟି ଦେଉଛି। ମହିଳାଙ୍କ ଏଭଳି ଅଭିଯୋଗ ଗ୍ରାମରେ ପ୍ରଚାର ପରେ ବର୍ତ୍ତମାନ କେତେକ ପକ୍କା ଘର ଉପରେ ଲୁଗା ଓ ନାଇଟ କାଟି ଦେଉଛି। ଗ୍ରାମର କେତେକଙ୍କ ଘର ଦାଣ୍ଡ ଏବଂ ବାରିପଟ ଖୋଲାଥିଲେ ମଧ ଉଭୟ ପଟେ ହଳଦିଆ ଓ ରଙ୍ଗ ଚାଉଳ ପଡୁଥିବା ଜଣାପଡିଛି। ଗ୍ରାମରେ ଗୁଣି ଗାରେଡ଼ି କିମ୍ବା ଚଣ୍ଡୀ ଦୋଷ ରହିଥିବା ଆଲୋଚନା ହେଉଛି। ଏ ନେଇ ଗ୍ରାମରେ ଦୁଇ ଥର ବୈଠକ ବସିଥିଲେ ମଧ କୌଣସି ସମାଧାନ ହୋଇପାରୁନାହିଁ। ଖବର ପାଇ ସୋମବାର ପୋଲସରା ପୋଲିସ, ପ୍ରଶାସନ ପକ୍ଷରୁ ଗ୍ରାମ ବଡ଼ସାହି ଠାକୁରାଣୀ ମଣ୍ଡପଠାରେ ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ପୋଲସରା ଏବିଡିଓ ଧର୍ମରାଜ ପରିଡା, ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଗ୍ରାମର ଏକ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଓ ମହିଳାଙ୍କୁ ନେଇ ଗୁଣି ଗାରେଡ଼ି ବିରୋଧରେ ଏକ ସଚେତନତା ସଭା ଆୟୋଜନ କରିଥିଲେ ମଧ ମହିଳାମାନେ ଏହାକୁ ଗ୍ରହଣ କରି ନ ଥିଲେ। ଏ ନେଇ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ପୁନର୍ବାର ଏ ଦିଗରେ ପ୍ରଶାସନ ପକ୍ଷରୁ ସଚେତନ କରାଇବା ପାଇଁ ଉଦ୍ୟମ କରାଯିବ ବୋଲି ଆଇଆଇସି ଜିତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି। ଏହା ସତ୍ତ୍ୱେ ଗ୍ରାମବାସୀ ଯଦି ଆଇନକୁ ହାତକୁ ନିଅନ୍ତି ତା'ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀଙ୍କୁ ଆଇଆଇସି କହିଛନ୍ତି।

# ଭୀମଭୋଇ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ସରକାରୀ ପଦାଧିକାରୀ ଏବଂ ବ୍ଲକ ଅଧକ୍ଷା ଓ ଉପାଧକ୍ଷା।

**ଦିଗପହଣ୍ଡି,୫।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷା ସୁନିତା ସେଠୀ, ବିଡ଼ିଓ ହଳଧର ଶବର, ବ୍ଲକ ଉପାଧକ୍ଷା ସୁକାନ୍ତି ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରବ ସାହୁ, ଏବିଇଓ ରସାନନ୍ଦ ଘଡେଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମି ପ୍ରକାଶିନୀ ଜାନି, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଶିବିର ଆୟୋଜନ ସମ୍ପର୍କରେ ଆଲୋଚନା କରିବା ସହ ଏନେଇ ବୈଠକରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏହି ଶିବିର ଆସନ୍ତା ୧୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ଶିବିରରେ ଦିବ୍ୟାଙ୍ଗମାନଙ୍କୁ ଆବଶ୍ୟକ ଉପକରଣ ଯୋଗାଇବା, ପ୍ରମାଣପତ୍ର ଓ ପରିଚୟପତ୍ର ପ୍ରଦାନ, ଆତ୍ମନିର୍ଭରଶୀଳ ପାଇଁ ବିଭିନ୍ନ ବ୍ୟାଙ୍କ ସହାୟତାରେ ଋଣ ଯୋଗାଣ ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ସେଥିରେ ଅନ୍ତର୍ଭୁକ୍ତ କରାଇବା ଉପରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆଞ୍ଚଳିକ ସାଧନ କର୍ମୀ ଓ ଅଙ୍ଗନୱାଡ଼ି ସୁପରଭାଇଜରମାନେ ଉପସ୍ଥିତ ଥିଲେ।

### ବିଶ୍ୱନାଥ ଉଚ୍ଚ ବୈଷୟିକ ବିଦ୍ୟାଳୟରେ ବନ ମହୋତ୍ସବ

**ଗୋପାଳପୁର, ୫।୭(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଳନ୍ଥରା ଚଟିସ୍ଥିତ ବିଶ୍ୱନାଥ ଉଚ୍ଚ ବୈଷୟିକ ବିଦ୍ୟାଳୟରେ ବନ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାସରଥୀ ପ୍ରଧାନ ଚାରାରୋପଣର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ପ୍ରତ୍ୟେକ ଛାତ୍ର ଗୋଟିଏ ଲେଖାଏ ଚାରା ରୋପଣ କରି ତାହାର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା। ବ୍ୟାପକ ଚାରାରୋପଣ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ, ବାୟୁ ପ୍ରଦୂଷଣ ଓ ସବୁଜ ବଳୟ ତିଆରି ହୋଇପାରିବ ବୋଲି କୁହାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ରଥ, ସଂଯୁକ୍ତା କୁମାରୀ ବେହେରା, ପ୍ରିୟଙ୍କା ମଲଣା, ସୌଦାମିନୀ ପାଢ଼ୀ, ସୂର୍ଯ୍ୟ ପ୍ରସାଦ ପାଢ଼ୀ, ସୁଜାତା ପଟ୍ଟନାୟକ, ନିଶିଥ କୁମାର ପ୍ରଧାନ, ଧର୍ମେନ୍ଦ୍ର ପାଢ଼ୀ, ସଂଯୁକ୍ତାଲତା ପଣ୍ଡା, ନିବେଦିତା ପଣ୍ଡା, ଦିଲୀପ ପାଢ଼ୀ ଓ ଡି.ଭାଗୀରଥି ପ୍ରମୁଖ ଉପସ୍ଥିତ ଥିଲେ।

# ପୌରପାଳିକାର ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି ଚାଲିଛି।

**ପାରଳାଖେମୁଣ୍ଡି,୫।୭(ଡି.ଏନ୍.ଏ.)**

ପ୍ରଥମ କରି ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ପୌର ପରିଷଦ ଗଠନ ପରେ ପ୍ରତି ମାସର ପ୍ରଥମ ମଙ୍ଗଳବାର ସର୍ବସାଧାରଣଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ନେଇ ପୌରାଧକ୍ଷା ଘୋଷଣା କରିଥିଲେ। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ପୌରାଧକ୍ଷା ନିର୍ମଳା ସେଠୀ ଓ ନିର୍ବାହୀ ଅଧିକାରୀ ଜୁଲି ବେହେରାଙ୍କ ସମେତ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ବିଶେଷ କରି ପେନ୍‌ସନ ସମସ୍ୟା, ଖାଦ୍ୟ ସୁରକ୍ଷା ଯୋଜନା, ବିଭିନ୍ନ ୱାର୍ଡର କେନାଲ ବ୍ୟବସ୍ଥା ଓ ଅଳିଆ ଆବର୍ଜନା ସଫା କରିବା ଆଦି ସମସ୍ୟା ନେଇ ୧୫ରୁ ଅଧିକ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥି ମଧ୍ୟରୁ ୪ ଗୋଟି ଅଭିଯୋଗ ଗୋଷ୍ଠୀଗତ ହୋଇଥିବା ବେଳେ ୧୧ ବ୍ୟକ୍ତିଗତ ସମସ୍ୟା ରହିଥିଲା। ଏଥିରୁ ୩ ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ସମସ୍ୟାର ସମାଧାନ ନିମନ୍ତେ ଘଟଣାର ଅନୁଧ୍ୟାନ କରି ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ଜନସାଧାରଣଙ୍କ ସହ ଯୋଡ଼ି ହୋଇ ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରୟାସ କରାଯାଇଛି।

## ସଂକ୍ଷେପରେ

### କୁଠାରୀ ମନ୍ଦିରରୁ ମା'ଙ୍କ ସୁନା ଗହଣା ଚୋରି



**ବ୍ରହ୍ମପୁର ଅଫିସ, ୫ା୭:** ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର କୁଠାରୀ ମନ୍ଦିର ସାହିସ୍ଥିତ ମା' କୁଠାରୀ ମନ୍ଦିରରୁ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। କୁଠାରୀ ମା'ଙ୍କ ୧୨ଗ୍ରାମ ସୁନାର ଦୁଇ କାନଫୁଲ ଓ ୧୭୦ଗ୍ରାମ ରୁପାର ଜିଭ ଓ ଅନ୍ୟାନ୍ୟ ଅଳଙ୍କାର ସୋମବାର ରାତିରେ ଚୋରି ହୋଇଥିବା ନେଇ ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର କମିଟି କର୍ମକର୍ତ୍ତାମାନେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୬୫/୨୨ରେ ଏକ ମାମଲା ରୁଜୁ କରିଛି। ମଙ୍ଗଳବାର ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି। ସେହିପରି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଲୁଟେରାଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି।

### ରେଳଧାରଣାରୁ ଗଳିତ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ, ୫ା୭:** ସରକାରୀ ରେଳବାଇ ପୋଲିସ(ଜିଆରପି) ରେଳଧାରଣା କଡ଼ରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କର ବୟସ ଆନୁମାନିକ ୪୦ ବର୍ଷ ହେବ ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ସଂରକ୍ଷିତ ରଖିଥିବା କହିଛି। ଥାନାରେ ନଂ.୪୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖଲ୍ଲିକୋଟ ଓ ଚିଲିକା ଦେଇଯାଇଥିବା ରେଳଧାରଣା କଡ଼ରେ ଏକ ମୃତଦେହ ପଡିଥିବା ପୋଲିସ ଖବର ପାଇଥିଲା। ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ଗଳିତ ମୃତଦେହ ଜବତ କରିଥିଲା। ମୃତଦେହଟି ୨/୩ ଦିନ ତଳର ହୋଇଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ଦୁଇ ବାଇକ୍ ଧକ୍କା, ଜଣେ ମୃତ

ନୂଆଗଡ,୫ା୭-ନୂଆଗଡ଼ ବ୍ଲକର ନୂଆଗଡଠାରୁ କେରେଡ଼ାଙ୍ଗ ଯିବା ମୁଖ୍ୟ ରାସ୍ତାରେ ମଙ୍ଗଳବାର ୨ ବାଇକ୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଥିଲେ। ମୃତକ ହେଲେ କେରେଡାଙ୍ଗ ପଞ୍ଚାୟତର ଡାଗୁଡୁପୁର ଗ୍ରାମର ମିନିଏଲ ଦଳ ବେହେରା (୨୩)। ମଙ୍ଗଳବାର ନୂଆଗଡଠାରେ ସାପ୍ତାହିକ ହାଟ ଥିଲା। ମିନିଏଲଙ୍କ ସହ ସେହି ଗ୍ରାମର ମୀନସି ଦଳ ବେହେରା, ସାଇବ ଦଳବେହେରା କୌଣସି କାମରେ ଏକ ବାଇକ୍‌ରେ ନୂଆଗଡ ଆସିଥିଲେ। ଏହି ସମୟରେ ବିପରିତ ଦିଗରୁ କେରେଡାଙ୍ଗ ଗ୍ରାମର ସାମୁଏଲ ପରିଛା ଅନ୍ୟ ଏକ ବାଇକ ଯୋଗେ ନୂଆଗଡ କୌଣସି କାମରେ ଆସୁଥିବା ବେଳେ ଅପରାହ୍ନରେ ଭାରସାମ୍ୟ ହରାଇ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ମିନିଏଲଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରି ନଂ.୪୯/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଯାଇଥିବା ଖଜୁରିପଦା ଫାଣ୍ଡି ଅଧିକାରୀ ଡି.ଗଜପତି ଦୋରା ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲା ରାଜାଙ୍କ ବ୍ରହ୍ମପୁର ବଙ୍ଗଳା ବିକ୍ରି

- ବିକ୍ରି ହୋଇନି ଖଲ୍ଲିକୋଟ ରାଜାଙ୍କ ବଙ୍ଗଳା
- ବଡ଼ଖେମୁଣ୍ଡି ବଙ୍ଗଳାରେ ରହୁଛନ୍ତି ପରିବାର

ବ୍ରହ୍ମପୁର ଅଫିସ,୫ା୭

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ଅବିଭକ୍ତ ଗଞ୍ଜାମ ଜିଲା ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା। ସେତେବେଳେ ଗଡ଼ଜାତଗୁଡ଼ିକରେ ରାଜା ବା ଜମିଦାରି ଶାସନ ଚାଲୁଥିଲା। ଅନେକ ରାଜାଙ୍କର ବ୍ରହ୍ମପୁର ସହରରେ ବଡ଼ ବଡ଼ ବଙ୍ଗଳା ନିର୍ମାଣ ହୋଇଥିଲା। ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ସେହି ରାଜରାଜୁଡ଼ା ଶାସନ ଉଚ୍ଛେଦ ହୋଇଗଲା। ଇନ୍ଦିରା ଗାନ୍ଧୀଙ୍କ ସରକାର ଅମଳରେ ସେମାନଙ୍କ ମାସିକ ଭତ୍ତା ମଧ୍ୟ ବନ୍ଦ କରାଗଲା। ବିକଳ୍ପ ବ୍ୟବସ୍ଥାରେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଭତ୍ତା ପ୍ରଚଳନ କରାଗଲା। ପୂର୍ବରାଜାମାନଙ୍କ ସ୍ଥିତି ଓ ଜୀବନଶୈଳୀ ବଦଳି ଯାଇଥିଲା। ଏବେ ସେମାନେ ସାଧାରଣ ନାଗରିକ ହୋଇଛନ୍ତି ଏବଂ କେତେକ ରାଜନୀତିରେ ପ୍ରବେଶ କରିଥିବା ବେଳେ ଆଉ କେତେକ ବିଭିନ୍ନ ଧନ୍ଦା କରୁଛନ୍ତି। ବଂଶଧରଙ୍କ ମଧ୍ୟରୁ ଅନେକ ଚାକିରି କରିବାକୁ ବାଧ୍ୟ ହୋଇଛନ୍ତି।

ବ୍ରହ୍ମପୁର ସହର ବିଟ୍ ରାସ୍ତା ପାର୍ଶ୍ୱରେ ଥିବା ଧରାକୋଟ ରାଜାଙ୍କ ବିଶାଳ ବଙ୍ଗଳା ବିକ୍ରି ହୋଇଯାଇଛି। କିଣିଥିବା ଲୋକ ସେଠାରେ ମାର୍କେଟ କମ୍ପ୍ଲେକ୍ସ କରିଛନ୍ତି। ରାଜା ପଦ୍ମନାଭ ସିଂଦେଓଙ୍କ କନ୍ୟା କ୍ଷୀରୋଦ କୁମାରୀ ବିକ୍ରି କରିଥିବାରୁ ସ୍ମୃତିରକ୍ଷା ପାଇଁ ନାମ କେକେ କମ୍ପ୍ଲେକ୍ସ ରଖାଯାଇଛି। ଗିରିରୋଡରେ ଥିବା ବଡ଼ଗଡ଼ ରାଜାଙ୍କ ବଙ୍ଗଳା ମଧ୍ୟ ବିକ୍ରି ହୋଇଯାଇଛି। ସେହି ପରିସରରେ ଲୋକେ ବାସଗୃହ ନିର୍ମାଣ କରିଛନ୍ତି, ଯାହା କମାପଲ୍ଲୀ ଅଞ୍ଚଳରେ ଥିଲା। ପାରଳା ଓ ଜରଡ଼ା ରାଜାଙ୍କ ବଙ୍ଗଳା ତାହା ମଧ୍ୟ ଅନ୍ୟମାନେ କିଣିଛନ୍ତି। ରେଶମ ନଗରୀ ବଡ଼ବଜାର ପାଖରେ ଥିଲା ମହୁରୀ ରାଜବାଟୀ। ପର୍ଯ୍ୟାୟକ୍ରମେ ଉତ୍ତରାଧିକାରୀଙ୍କ ଭାଇ ଭାଗବଣ୍ଟା ହେଲା ଓ ପୂରା ରାଜବାଟୀ ବିକ୍ରି ହୋଇଗଲା। ସେଠାରେ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ହୋଇଛି।

ଗଞ୍ଜାମ କଳା ପରିଷଦ ସାମ୍ନାରେ ଥିବା ପାଲୁରୁ ରାଜାଙ୍କ ବଙ୍ଗଳା ମଧ୍ୟ ବହୁବର୍ଷ ତଳୁ ବିକ୍ରି ହୋଇଗଲା। ସେଠାର ବିସ୍ତୃତ ଇଲାକାରେ ଅନେକ ସାହି ବସ୍ତି ହୋଇଛି ଏବଂ ପାଲୁରୁ ବଙ୍ଗଳା ନାମ ରଖାଯାଇଛି। ଖଲ୍ଲିକୋଟ କଲେଜ ସାମ୍ନାରେ ଥିଲା ଚିକିଟି ରାଜାଙ୍କ ବଙ୍ଗଳା। କାଳକ୍ରମେ ତାହା ବିକ୍ରି ହୋଇଯାଇଛି। ଉତ୍କଳ ଆଶ୍ରମ ପାର୍ଶ୍ୱସ୍ଥ ଶେରଗଡ଼ ରାଜାଙ୍କ ବଙ୍ଗଳାର ଆଉ ଚିହ୍ନବର୍ଣ୍ଣ ନାହିଁ। ରାଜନେତା, ବ୍ୟବସାୟୀ ଓ ଅନ୍ୟମାନେ କ୍ରୟ କରିଛନ୍ତି। ଉତ୍କଳ ଆଶ୍ରମ ରୋଡସ୍ଥ ବଡ଼ଖେମୁଣ୍ଡି (ଦିଗପହଣ୍ଡି) ରାଜାଙ୍କ ବଙ୍ଗଳାରେ ସେହି ପରିବାର ରହୁଥିଲେ ମଧ୍ୟ ସେଠାର ରୂପ ବଦଳି ଯାଇଛି। କେତେକାଂଶ ଅନ୍ୟଙ୍କୁ ହସ୍ତାନ୍ତର ହୋଇଛି। ଦୋକାନ ଓ ଗ୍ୟାରେଜ ଆଦି ଥିବା ଦେଖିବାକୁ ମିଳୁଛି।

ଟାଟାବେଞ୍ଚ ଛକ ପାଖରେ ଥିବା ଖଲ୍ଲିକୋଟ ରାଜାଙ୍କ ବଙ୍ଗଳା ବିକ୍ରି ନ ହୋଇ ରହିଛି। ସେହି ପରିସରରେ ଶିକ୍ଷାନୁଷ୍ଠାନ ଖୋଲିଥିବା ବେଳେ ସାମ୍ନାପଟରେ ବିଭିନ୍ନ ସଂସ୍ଥାକୁ ଭଡ଼ା ସୂତ୍ରରେ ଦିଆଯାଇଛି। ପୂର୍ବତନ ବିଧାୟିକା ସୁଜ୍ଞାନ କୁମାରୀ ଦେଓଙ୍କ ମାଲିକାନାରେ ତାହା ରହିଛି। ରେଶମ ନଗରୀରେ ଶିକ୍ଷା ଓ ଉଚ୍ଚ ଶିକ୍ଷାର ବ୍ୟାପକ ପ୍ରସାର ନିମନ୍ତେ ଖଲ୍ଲିକୋଟ ରାଜ ପରିବାରର ଅତୁଳନୀୟ ଅବଦାନ ରହିଛି। ଦାନ ସୂତ୍ରରେ ସହରର ବିଭିନ୍ନ ଅଞ୍ଚଳରେ ମୂଲ୍ୟବାନ ଜମି ଦିଆଯାଇ ଶିକ୍ଷାନୁଷ୍ଠାନ କରାଯାଇଛି। ସବୁ ଅନୁଷ୍ଠାନ ଖଲ୍ଲିକୋଟ ନାମରେ ନାମିତ ହୋଇଛି।

## ଡେଭଲପମେଣ୍ଟ ଫୋରମ ପକ୍ଷରୁ କମିଶନରଙ୍କୁ ଦାବିପତ୍ର



ଫୋରମ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ,୫ା୭

ଓଡ଼ିଶା ଡେଭଲପମେଣ୍ଟ ଫୋରମ ପକ୍ଷରୁ ବ୍ରହ୍ମପୁର ସହରରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର ବିଏମ୍‌ସି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସହରତଳି ଅଞ୍ଚଳକୁ ମହାନଗରରେ ତୁରନ୍ତ ମିଶ୍ରଣ, ବିପର୍ଯ୍ୟସ୍ତ ରାସ୍ତା ଘାଟ ସୁଧାରିବା, ଗେଟ ବଜାର, ଫାଷ୍ଟ ଗେଟ ଓ କମାପଲୀଠାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ, ପାଦ ଚଲା ରାସ୍ତା, ଶାରୀରିକ ଅକ୍ଷମଙ୍କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା, ସହରରେ ଖାଦ୍ୟ ବଜାର ନିର୍ମାଣ ଭଳି ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ୨୦୦୮ ଡିସେମ୍ବର ୨୯ରେ ରାଜ୍ୟ ଗେଜେଟ ନୋଟିଫିକେଶନରେ ସହରତଳି ୨୬ଟି ପଞ୍ଚାୟତକୁ ମହାନଗରରେ ମିଶ୍ରଣ କରାଯାଇ ବୃହତ୍ ବ୍ରହ୍ମପୁର ଗଠନ କରାଯିବା ନେଇ ଉଲେଖ ରହିଛି। କିନ୍ତୁ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ସ୍ତରରେ ଉଦାସୀନତାରୁ ସହରତଳି ଅଞ୍ଚଳ ମହାନଗରରେ ମିଶ୍ରଣ ହୋଇପାରୁ ନ ଥିବା ଫୋରମ ଅଭିଯୋଗ କରିଛି। ବିଏମ୍‌ସି କମିଶନର ଜେ.ସୋନାଲ ଫୋରମ୍‌ର ଦାବିଗୁଡ଼ିକୁ ପୂରଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବି ପତ୍ର ପ୍ରଦାନ ସମୟରେ ଫୋରମ୍‌ର ସଭାପତି ରାମ ପ୍ରସାଦ ତ୍ରିପାଠୀ, ଉପସଭାନେତ୍ରୀ ବବିତା ପାତ୍ର, ସମ୍ପାଦକ ଭି.ସୋମେଶ୍ୱର ରାଓ, ପ୍ରୀତିଶ ପାଣିଗ୍ରାହୀ, ସହ ସମ୍ପାଦକ ମାନସ ରଞ୍ଜନ ପାତ୍ର, କିରଣ କୁମାର ମିଶ୍ର, ସନ୍ତୋଷ କୁମାର ସାହୁ ଓ ରମେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ଫୋରମ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମରୁ ୮ ପ୍ରତିଯୋଗୀ



ରାଜ୍ୟ ଟିମ୍‌ରେ ଗଞ୍ଜାମ ପ୍ରତିଯୋଗୀ।

ବ୍ରହ୍ମପୁର ଅଫିସ,୫ା୭

ଚେନ୍ନାଇଠାରେ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଜୁଲାଇ ୬ ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ମଙ୍ଗଳବାର ଓଡ଼ିଶା ଆମେଚର ବକ୍ସିଂ ଦଳ ପକ୍ଷରୁ ୨୦ ପ୍ରତିଯୋଗୀଙ୍କ ସମେତ କୋଚ ଓ ଟିମ୍ ମ୍ୟାନେଜର ତାମିଲନାଡୁରେ ପହଞ୍ଚିଛନ୍ତି। ଏହି ରାଜ୍ୟ ଟିମ୍‌ରେ ଗଞ୍ଜାମର ୮ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଜାତୀୟସ୍ତରରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ବର୍ଗରେ ୫୦ରୁ ୫୨ କେଜି ବର୍ଗରେ ମନସ୍ୱିନୀ ସାବତ, ୫୨ ରୁ ୫୪ କେଜି ବର୍ଗରେ ଭୂମିକା ପ୍ରଧାନ, ୫୪ ରୁ ୫୭ କେଜି ବର୍ଗରେ ଆୟୁଷ୍ମିତା ପାଣିଗ୍ରାହୀ, ୫୭ ରୁ ୬୦ କେଜି ବର୍ଗରେ ସୁଭାଷିନୀ ସାହୁ ପ୍ରତିଯୋଗିତା କରିବେ। ସେହିପରି ପୁରୁଷ ବର୍ଗରେ ୪୮ ରୁ ୫୧ କେଜିରେ ଭି.କାର୍ତ୍ତିକ , ୫୪ ରୁ ୫୭ କେଜିରେ ପ୍ରବୀଣ ସେଠୀ, ୬୦ରୁ ୬୩ କେଜିରେ ମହେଶ୍ୱର ନାୟକ ଓ ୬୩ ରୁ ୬୭ କେଜିରେ ବିଶାଲ ସାହୁ ଜାତୀୟସ୍ତରୀୟ ବକ୍ସିଂ ଚମ୍ପିୟନ୍‌ଶିପ୍ ପ୍ରତିଯୋଗିତାରେ ଭାଗ ନେବେ। କ୍ରୀଡ଼ାବିତଙ୍କ ସହ କୋଚ ଭାବେ ଶ୍ରୀକାନ୍ତ ସାହୁ, ଆଦିତ୍ୟ ମହାନ୍ତି, ଏ.ମାଧବ, ଜିଲା ବକ୍ସିଂ କୋଚ ଶିଶିର କୁମାର ପାଣିଗ୍ରାହୀ ପ୍ରମୁଖ ତାମିଲନାଡୁ ଅଭିମୁଖେ ଯାତ୍ରା କରିଛନ୍ତି। ପ୍ରତିଯୋଗୀଙ୍କୁ ଜିଲା ବକ୍ସିଂ ସଂଘ ପକ୍ଷରୁ ସମ୍ପାଦକ କେ.ପ୍ରଭାକର ରାଓ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ୧୬ରେ ଜବାବ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ

### ଜବରଦଖଲ ଉଚ୍ଛେଦ ମାମଲା

ଗଞ୍ଜାମ,୫ା୭(ଡି.ଏନ.ଏ.)

ଗଞ୍ଜାମ ସହର ତ୍ରିବେଣୀ ମଠ ଛକର ପୂଜକ କନ୍ଧ ଶତପଥୀଙ୍କ ବାସଗୃହ ସରକାରୀ ଜାଗା ଜବର ଦଖଲ ଉଚ୍ଛେଦ ଘଟଣାରେ ତାଙ୍କୁ ସାମାନ୍ୟ ଅସ୍ୱସ୍ତି ମିଳିଛି। ତାଙ୍କ ବାରିପଟ କିଛି ଜାଗା ସରକାରୀ ଜାଗା ଦର୍ଶାଇ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ତାଙ୍କ ଘରକୁ ଭାଙ୍ଗିବା ପାଇଁ ଜେସିବି ମେସିନ ଧରି ପହଞ୍ଚିବା ପରେ କନ୍ଧ ଶତପଥୀ ବାରମ୍ବାର ଅନୁରୋଧ କରିଥିଲେ ଏବଂ ସ୍ଥାନୀୟ ଲୋକେ ତହସିଲଦାରଙ୍କୁ ସାତ ଦିନ ସମୟ ମାଗିଥିଲେ। ତହସିଲଦାର ସୋମବାର ପୁଣି ନୋଟିସ କରିବା ପରେ ଶତପଥୀ ଆଇନର ଆଶ୍ରୟ ନେଇଥିଲେ। ସିଭିଲକୋର୍ଟ ଉଭୟଙ୍କୁ ଏହାର ପକ୍ଷ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲ। ଏହା ପରେ କନ୍ଧ ଶତପଥୀ ତହସିଲଦାରଙ୍କ ବେଆଇନ କାର୍ଯ୍ୟ ବିରୋଧ କରି ଛତ୍ରପୁର ସିଭିଲ ଜଜ୍ ଜୁନିୟର ଡିଭିଜନ କୋର୍ଟରେ ମାମଲା ଦାଖଲ କରିଥିଲେ। କୋର୍ଟ ଗଞ୍ଜାମ ଜିଲାପାଳ ଓ ତହସିଲଦାରଙ୍କୁ ନୋଟିସ କରି ୫.୭.୨୨ରେ ତାଙ୍କର ପକ୍ଷ ରଖି ଲିଖିତ ଜବାବ ପାଇଁ ଆଦେଶ କରିଥିଲେ। ସେହି ଅନୁଯାୟୀ ମଙ୍ଗଳବାର ତହସିଲଦାର ଓ ଜିଲାପାଳ ସରକାରୀ ଓକିଲଙ୍କ ମାଧ୍ୟମରେ ଏହି ମାମଲାରେ ଜବାବ ଦାଖଲ କରିବା ପାଇଁ କୋର୍ଟକୁ ସମୟ ମାଗିଥିଲେ। ଆସନ୍ତା ୧୬ ତାରିଖରେ ଲିଖିତ ଜବାବ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛି।

## ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ୱତନ୍ତ୍ର ପାଠଚକ୍ର

ବ୍ରହ୍ମପୁର ଅଫିସ,୫ା୭

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭଗ ଓ ବିଭାଗୀୟ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାର ଶୀର୍ଷକ ଭାରତୀୟ ବିଜ୍ଞାନ, ବୈଷୟିକ ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନ ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ। ଏଥିରେ ଉଦ୍ଭିଦ ବିଜ୍ଞାନ ବିଭାଗ ସଂଯୋଜିକା ଡ.ସରିତା ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଡ.ଲିଳା ବେଣୀ, ଡ.ବିଶ୍ୱରଞ୍ଜନ ମେହର ଓ ଡ.ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ମଞ୍ଚାସୀନ ରହିଥିଲେ। ମୁଖ୍ୟ ବକ୍ତାଭାବେ ନୂଆଦିଲ୍ଲୀ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ରବୀନ୍ଦ୍ର କୁମାର ପାଣିଗ୍ରାହୀ ଉପସ୍ଥି ଥିଲେ। ଅନୁଷ୍ଠିତ ପାଠଚକ୍ରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସନ୍ଦର୍ଭ ପାଠ ସହ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ମୁଖ୍ୟବକ୍ତା ଡ.ପାଣିଗ୍ରାହୀ ଭାରତ ସରକାରଙ୍କ ଏସ୍‌ଏଚଆର, ଆତ୍ମନିର୍ଭର ଭାରତ, ଶ୍ରୀମାନ ଯୋଜନା ଅନୁସାରେ ନୂତନ ଉଦ୍ଭାବନ ଓ ପ୍ରଯୁକ୍ତିବିଦ୍ୟାକୁ ସହଜରେ ଚିତ୍ର ଭିତ୍ତିରେ ସାଧାରଣ ଲୋକଙ୍କ ନିକଟରେ କିପରି ପହଞ୍ଚାଇ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପାଠଚକ୍ରରେ ଉଦ୍ଭିଦ ବିଜ୍ଞାନ ସମେତ ଅନ୍ୟ ବିଭାଗ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ପାଠଚକ୍ର ଶେଷରେ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ମୁଖ୍ୟବକ୍ତା ଡ.ରବୀନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାମୂହିକ ବିବାହ ଉତ୍ସବ



ଟ୍ରଷ୍ଟ ପକ୍ଷରୁ ସାମୂହିକ ବିବାବ ଉତ୍ସବ।

ବ୍ରହ୍ମପୁର ଅଫିସ,୫ା୭

କାହ୍ନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଭାବିନୀପୁର ସ୍ଥିତ ବସନ୍ତ ବିହାରଠାରେ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ଗଞ୍ଜାମ ଜିଲାର ବିଭିନ୍ନ ପ୍ରାନ୍ତରୁ ୫ ଜଣ ଦମ୍ପତିଙ୍କୁ ଚିହ୍ନଟ କରାଯାଇ ବିବାହ କରାଯାଇଥିଲା। ଏଥିରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ସଦସ୍ୟା ସଦସ୍ୟଙ୍କ ସମେତ ବହୁ ବଦାନ୍ୟ ବ୍ୟକ୍ତି ନବ ଦମ୍ପତିଙ୍କ ବିବାହ ନିମନ୍ତେ ସାହାଯ୍ୟ ସହଯୋଗ କରିଥିଲେ। ଟ୍ରଷ୍ଟ ସଭାପତି ରଞ୍ଜନା ମିଶ୍ର ନବଦମ୍ପତିଙ୍କୁ ଆର୍ଶୀବାଦ ସହ ସର୍ଭିଙ୍କ ସୁଖ ଓ ମଙ୍ଗଳମୟ ଜୀବନ କାମନା କରିଥିଲେ। ଏହି ଉତ୍ସବରେ ଟ୍ରଷ୍ଟର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ସୁଗଡ଼ବାଡି ହାଇସ୍କୁଲରେ ମହୋତ୍ସବ

ରାଇକିଆ,୫ା୭(ଡି.ଏନ.ଏ)

ରାଇକିଆ ବ୍ଲକ ସୁଗଡବାଡି ହାଇସ୍କୁଲରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି । ବନ ବିଭାଗ ତରଫରୁ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରିବେଶ ସୁରକ୍ଷା ଓ ସଚେତନତା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ମିଳିଥିବାରୁ ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯିବା ସହ ଶୁଭେଚ୍ଛା ମଧ୍ୟ ଜଣାଯାଇଥିଲା। ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, ବନ ବିଭାଗ କର୍ମଚାରୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ ପ୍ରଧାନ, ସମସ୍ତ ଶିକ୍ଷକ ସାମିଲ ହୋଇଥିଲେ। ସତ୍ୟସାଇ ସେବା ସଙ୍ଗଠନ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ୬.୨ ହେକ୍ଟର ଜମିରେ ଚାରାରୋପଣ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋଟଗଡ଼,୫ା୭(ଡି.ଏନ୍.ଏ.)

ବନ ମହୋତ୍ସବ ଅବସରରେ କୋଟଗଡ଼ ବନବିଭାଗ ୫୦ ହେକ୍ଟର ଜଙ୍ଗଲ ଜାଗା ନେଇ ୬.୨ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାରା ରୋପଣ କରିଛି। ଡେଙ୍ଗୁ ଗ୍ରାମର ଚାରା ପୁନଃର୍ଜନନ କ୍ୟାମ୍ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପ କୋଟଗଡ଼ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରାଙ୍କ ନେତୃତ୍ୱ ହୋଇଥିବା ବେଳେ ମୁଖ୍ୟଅତିଥି ରୂପେ ଜେଏମ୍‌ଏଫ୍‌ସି କୋର୍ଟର ବିଚାରପତି ଅନୁରାଗ ଦେହୁରୀ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆମ୍ବ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଚାରପତିଙ୍କ ସମେତ କୋଟଗଡ ସମିତି ଅଧ୍ୟକ୍ଷା ପିଙ୍କି କହଁର, ଜିଲା ପରିଷଦ ଜିରୀମିୟ ସୁନାମାଝି, କୋଟଗଡ଼ ସରପଞ୍ଚ ଶ୍ୱେତଲିନା ଶୁକମାଝିଙ୍କ ସମେତ ଡେଙ୍ଗୁ ଯୁବକ ସଂଘ, ଇକୋ ଗ୍ରୁପ କେଶରାଗୁଡା, ଯୁବକ ସଂଘ କେଶ୍ରଗୁଡ଼ା ଓ ମହିଳା ସ୍ୱୟଂ ସହାୟିକାମାନେ ଯୋଗ ଦେଇ ବିଭିନ୍ନ ପ୍ରକାରର ଚାରା ରୋପଣ କରିଥିଲେ। ବନରକ୍ଷୀ ଯୋଗେନ୍ଦ୍ର ଧାରୁଆ, ବିଶ୍ୱଜିତ ମିଶ୍ରଙ୍କ ସମେତ ସମସ୍ତ ବନକର୍ମଚାରୀ ଉପସ୍ଥିତ ଥିଲେ।

## ୩୩ ନଂ. ୱାର୍ଡରେ ସାମୂହିକ ସଫେଇ

ବ୍ରହ୍ମପୁର ଅଫିସ,୫ା୭

ଲଗାଣ ବର୍ଷା ସତ୍ତ୍ୱେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଡ୍ରେନ୍ ସଫେଇ ଅଭିଯାନ ଜାରି ରହିଛି। ଏହି ସଫେଇ ଅଭିଯାନରେ ବିଏମ୍‌ସି କମିଶନର ଜେ.ସୋନାଲ ଓ ମେୟର ସଂଘମିତ୍ରା ଦଳେଇ ଉପସ୍ଥିତ ରହି ସଫେଇ କାର୍ଯ୍ୟକୁ ତଦାରଖ କରୁଛନ୍ତି। ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ ୩୩ ନଂ ୱାର୍ଡ ଅନ୍ତର୍ଗତ ଗଜପତି ନଗର, ନୀଳାଞ୍ଚଳ ନଗର, ଅଳକାପୁରୀ ଓ ଆଇଟିଆଇ ପଛ ପାର୍ଶ୍ୱରେ ରହିଥିବା ଡ୍ରେନ୍ ସଫା କରାଯାଇଥିଲା। ଏହି ସମୟରେ ମେୟର ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ଡ୍ରେନ୍ ଉପରେ ପଡି ରହିଥିବା ମାଟି ଓ ବାଲି କଢା ଯାଇ ସଫା କରାଯାଇଥିଲା। ଉକ୍ତ ଅଞ୍ଚଳ କିଭଳି ଜଳ ବନ୍ଦୀରୁ ମୁକ୍ତ ହେବ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ମେୟର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମସି ଏନଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତ ଉପସ୍ଥିତ ଥିଲେ।



ସାମୂହିକ ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ମେୟର, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଓ ସଫେଇ କର୍ମଚାରୀ।

## ନକଲି ବିଦେଶୀ ମଦ ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୫ା୭

ବ୍ରହ୍ମପୁର ଟାଉନ ଥାନା ପୋଲିସ ନକଲି ବିଦେଶୀ ମଦ ପ୍ରସ୍ତୁତ କାରଖାନାରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସ ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ମଦ ବୋତଲ ଜବତ କରିଥିଲା। ଉକ୍ତ କାରଖାନାରେ ଚଢ଼ାଉ ବେଳେ ନିମଖଣ୍ଡିରେ ରହୁଥିବା କାଳିଆ ସାହୁ ଓରଫ ମୂଷା (୩୧) ଓ ଶ୍ରୀରାମନଗରର ଏ.ଗଣପତି ରାଓ(୩୧)ଙ୍କୁ ପୋଲିସ କାବୁ କରିଥିଲା। ମାମଲା ନମ୍ବର ୧୭୫/୨୨ରେ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ ଏକ ପ୍ରେସ୍‌ନୋଟରେ ସୂଚନା ଦେଇଛନ୍ତି। ଜବତ ନକଲି ମଦ ଓ ସ୍ପିରିଟର ନମୁନା ସଂଗ୍ରହ କରାଯାଇଛି।



ଗିରଫ ଅଭିଯୁକ୍ତ ସହ ଜବତ ମଦ ଓ ପ୍ରସ୍ତୁତ ସାମଗ୍ରୀ

ସେଗୁଡିକ କେମିକାଲ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତ କାଳିଆ ଓ ଗଣପତି ବ୍ୟାଙ୍କ କଲୋନୀରେ ସୁନୀଲ ସାହୁଙ୍କ ଏକ ଘର ଭଡ଼ା ନେଇ ପ୍ରସ୍ତୁତ କରୁଥିବା ନକଲି ବିଦେଶୀ ମଦ ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ଉକ୍ତ ନକଲି ମଦ ପ୍ରସ୍ତୁତ କାରଖାନାରୁ ପୋଲିସ ୨୦ ଲିଟର ନକଲି ବିଦେଶୀ ମଦ ବୋତଲ, ୫ ଲିଟର କଲର ସ୍ପିରିଟ, ୧ କେଜି ୟୁରିଆ ସାର, ୫ ଲିଟର ଧଳା ସ୍ପିରିଟ, ୧୫ ଲିଟର ହୋମିଓପ୍ୟାଥିକ ସ୍ପିରିଟ, ୩୩୦୦ ଅବକାରୀ ବିଭାଗର ନକଲି ଲେବଲ, ୧୮୦ ଠିପି , ୧୮୦ ଖାଲି ବୋତଲ, ଗୋଟିଏ ବୋତଲ ରଙ୍ଗ, ୧୩୦ମିଲିଲିଟର ରାସାୟନିକ ଏସେନ୍ସ ପୋଲିସ ଟିମ୍ ଜବତ କରିଥିଲା। ଘଟଣାର ତଦନ୍ତ ଜାରି ରହିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

